୬ ୧୬ତମ ଜୁନିୟର ପୁରୁଷ ଜାତୀୟ ହକି ଚାମ୍ପିଅନସିପ୍ ଟାଇଟଲ୍ ଜିତିଲା ଓଡ଼ିଶା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୧୯୨ ● ୧୧ ଅଗଷ୍ଟ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-192 ● 11th August 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ଧାନ ସଂଗ୍ରହ ଓ ଚାଷୀ ପଞ୍ଜିକରଣ ନେଇ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ

# ଆଗ୍ରିଷ୍ଟାକ ପଞ୍ଜିକରଣ ବର୍ତ୍ତମାନ ପାଇଁ ବାଧ୍ୟତାମୂଳକ ନୁହେଁ

ଭୁବନେଶ୍ୱର, ୧୦।୮
ନ୍ୟୁଜ୍ ବ୍ୟୁରୋ

ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ




ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ବୈଠକର ମୁଖ୍ୟ ନିଷ୍ପତ୍ତି ଓ ଆଲୋଚନା ଅନୁଯାୟୀ ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ (ପୃଷ୍ଠା ୭ରେ)

### ସଂସଦରେ ଦୂର ହେବ ଅଚଳାବସ୍ଥା !

# ଲୋକସଭାରେ ବିବୃତି ରଖିବେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୮

ଦୂର ହୋଇପାରେ ସଂସଦର ମୌସୁମୀ ଅଧିବେଶନରେ ଜାରି ରହିଥିବା ଅଚଳାବସ୍ଥା। ଛାତ୍ର ଆନ୍ଦୋଳନକୁ ନେଇ ବିରୋଧୀଙ୍କ ଦାବିରେ କିଛି ମାତ୍ରାରେ ରାଜି ହୋଇଛନ୍ତି ସରକାର। ବିରୋଧୀଙ୍କ ଦାବି ଅନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଛାତ୍ର ଆନ୍ଦୋଳନକୁ ନେଇ ଲୋକସଭାରେ ବିବୃତି ରଖିବେ। ଅମିତ ଶାହ ଗୃହରେ ବିବୃତି ରଖିବେ ବୋଲି ସୋମବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି।

ଜୁଲାଇ ୨୦ ପରଠାରୁ ଅମିତ ଶାହଙ୍କ ବିବୃତି ଦାବିରେ ବିରୋଧୀ ଗୃହକୁ ଅଚଳ କରି ରଖିଥିଲେ। ଆସନ୍ତା ୧୩ରେ ମୌସୁମୀ ଅଧିବେଶନ ଶେଷ ହେବାକୁ ଯାଉଥିବା ବେଳେ ଆଜି ହଠାତ୍ ଯନ୍ତରମନ୍ତର ଛାତ୍ର ଆନ୍ଦୋଳନକୁ ନେଇ ଶାହ ବିବୃତି ରଖିବେ ବୋଲି ସରକାର କହିଛନ୍ତି।

ତଥାପି ସରକାରଙ୍କ ଏହି ପ୍ରତିଶ୍ରୁତି ସତ୍ତ୍ୱେ ଲୋକସଭାରେ ହଟ୍ଟଗୋଳ ଦେଖିବାକୁ ମିଳିଛି। ବିରୋଧୀ ରାମ ମନ୍ଦିର ଚାନ୍ଦା ଚୋରି ପ୍ରସଙ୍ଗରେ ବିତର୍କ ଦାବି କରିବାରୁ ମଙ୍ଗଳବାର ଦିନ ୧୧ଟା ଯାଏ ଗୃହକୁ ମୁଲତବୀ କରି ଦିଆଯାଇଛି।



ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି ବା ସିଜେପିର ଆନ୍ଦୋଳନ ବେଳେ ଶିକ୍ଷାର୍ଥୀଙ୍କ ଉପରେ ପୁଲିସ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ବିରୋଧୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ବୟାନ ଦାବି କରିବାରୁ ସଂସଦରେ ଅଚଳାବସ୍ଥା ଜାରି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରିଜିଜୁ କହିଛନ୍ତି ଯେ କେବଳ ବିବୃତି ନୁହେଁ, ଶିକ୍ଷାର୍ଥୀଙ୍କ ସମ୍ପର୍କିତ ସମସ୍ତ ପ୍ରସଙ୍ଗ ଉପରେ ସରକାର ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ।

ବିରୋଧୀ ଉଠାଇବାକୁ ଥିବା ପ୍ରତ୍ୟେକ ପ୍ରଶ୍ନର ଜବାବ ମଧ୍ୟ ସରକାର ଦେବେ ବୋଲି ସେ କହିଛନ୍ତି। ତେବେ ବିରୋଧୀ ଦଳ ଯେପରି ହଟ୍ଟଗୋଳ କରି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ବେଳେ ବାଧା ସୃଷ୍ଟି ନ କରନ୍ତି, ସେଥିପାଇଁ ମଧ୍ୟ ରିଜିଜୁ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି, "ଆଲୋଚନା ଓ ଜବାବ ଦେବା ସମୟରେ ସେମାନେ ହଟ୍ଟଗୋଳ କରି ଗୃହମନ୍ତ୍ରୀଙ୍କ ବୟାନରେ ବାଧା ସୃଷ୍ଟି ନ କରନ୍ତୁ। ଗୃହମନ୍ତ୍ରୀ ଓ ସରକାରଙ୍କ ଜବାବ ସେମାନେ ଶୁଣନ୍ତୁ। ଆଲୋଚନା ଆରମ୍ଭ ହେଲେ ପ୍ରତ୍ୟେକ ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଆଲୋଚନା ହେବା ଦରକାର। ହଟ୍ଟଗୋଳ ନ କରିବାକୁ ମୁଁ ବିରୋଧୀଙ୍କୁ ଅନୁରୋଧ କରୁଛି।"

ଜୁନ୍ ୨୦ରେ ସିଜେପି ଆନ୍ଦୋଳନରେ ପେଲେଟ୍ ଗନ୍ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ପୁଲିସ୍‌ର ଏପରି କାର୍ଯ୍ୟାନୁଷ୍ଠାନ ଅମିତ ଶାହଙ୍କ ନିର୍ଦ୍ଦେଶରେ ହୋଇଥିବା ଅଭିଯୋଗ କରିଛନ୍ତି।

ଏଥିଯୋଗୁ ସେ ଶାହଙ୍କ ବିବୃତି ଦାବି କରିଥିଲେ। କିନ୍ତୁ ଶାହ ବିବୃତି ଦେଉ ନଥିବାରୁ ଏହାକୁ ନେଇ ମୌସୁମୀ ଅଧିବେଶନ ଆରମ୍ଭରୁ ହିଁ ଲୋକସଭା ଓ ରାଜ୍ୟସଭାରେ ଅଚଳାବସ୍ଥା ଲାଗି ରହିଛି।

ଏସବୁ ଭିତରେ ସୋମବାର ସକାଳେ କଂଗ୍ରେସ ମହାସଚିବ କେସି ବେଣୁଗୋପାଳ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଗୃହରେ ବିବୃତି ଜାରି କରିବାକୁ (ପୃଷ୍ଠା ୭ରେ)

## ରାଜ୍ୟସ୍ତରୀୟ ସମାରୋହରେ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୮
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବ୍ୟାପୀ ସ୍ୱାଧୀନତା ଦିବସ ସମାରୋହ ପାଳନ କରାଯିବ। ଏହି ଅବସରରେ ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ (ପୃଷ୍ଠା ୭ରେ)

## ଡିଜି ପାହ୍ୟାକୁ ପଦୋନ୍ନତି ପାଇଲେ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠଓ୍ୱା

ଭୁବନେଶ୍ୱର, ୧୦।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ପୁଲିସ୍‌ରେ ବଡ଼ ପରିବର୍ତ୍ତନ। ନୂଆ ଡିଜିପି ନିଯୁକ୍ତି ଚର୍ଚ୍ଚା ଭିତରେ ଆସିଛି ବଡ଼ ଖବର। ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠଓ୍ୱା। ପୂର୍ବରୁ ଉଭୟ ଏଡିଜି ପାହ୍ୟାର ଅଧିକାରୀ ଭାବେ କାମ କରୁଥିଲେ।

ସୋମବାର ବିଧିବଦ୍ଧ ଭାବେ ଉଭୟଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ପଦୋନ୍ନତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ପ୍ରକ୍ରିୟା ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏବେ ଉଭୟ ଅଧିକାରୀ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠଓ୍ୱା ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।




ଏହି ପଦୋନ୍ନତି ବେଶ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରାଯାଇଛି। କାରଣ ଆସନ୍ତା ୧୬ ତାରିଖରେ ବର୍ତ୍ତମାନ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହାପରେ ନୂଆ ଡିଜିପି ତାଙ୍କ ସ୍ଥାନ ନେବେ। ଏହା ପୂର୍ବରୁ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠଓ୍ୱାଙ୍କୁ ପଦୋନ୍ନତି ମିଳିଛି।

ନୂଆଦିଲ୍ଲୀରରେ ୟୁପିଏସସିଙ୍କ ଦ୍ୱାରା ପୁଲିସ ଡିଜି ଚୟନ (ପୃଷ୍ଠା ୭ରେ)

## ଲାଲକିଲ୍ଲାରୁ ପ୍ରଥମ ଥର ଗାନ ହେବ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ, ୧୦।୮

ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚଳିତବର୍ଷ ଏକ ଐତିହାସିକ ଘଟଣା ଦେଖିବ ଦେଶ। ଅଗଷ୍ଟ ୧୫ରେ ଦିଲ୍ଲୀର ଲାଲକିଲ୍ଲାପ୍ରାଚୀରରୁ ପ୍ରଥମ ଥର ପାଇଁ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ବିବୃତିରେ ଏହି ସୂଚନା ଦିଆଯାଇଛି।

ଚଳିତ ବର୍ଷର ଆୟୋଜନର ଆଉ ଏକ ବିଶେଷତ୍ୱ ହେଉଛି 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ



ରଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଏହା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବାରେ ବିଶେଷ ଭୂମିକା ନେଇଥିଲା। ଏହି କାରଣରୁ ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଦେଶବ୍ୟାପୀ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଚାଲିଛି। ଏହାର ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୭ରୁ ୧୫ ପର୍ଯ୍ୟନ୍ତ ଚାଲିଛି।

ଏଥରର ସ୍ୱାଧୀନତା ଦିବସ ପାଳନର ମୁଖ୍ୟ ବିଷୟ ରହିବ 'ଯୁବଶକ୍ତି'। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବାର ଯାତ୍ରାରେ ଦେଶର ଯୁବପିଢ଼ିର ଅବଦାନ ଓ ଭୂମିକାକୁ ଏଥିରେ ପ୍ରମୁଖତା ଦିଆଯିବ। ଏହି ସମୟରେ 'ବନ୍ଦେ ମାତରମ୍'କୁ ନେଇ ଆଇନଗତ ପଦକ୍ଷେପ ମଧ୍ୟ ଚର୍ଚ୍ଚାରେ ରହିଛି। ସଂସଦ ନିକଟରେ 'ପ୍ରିଭେନ୍ସନ୍ ଅଫ୍ ଇନ୍‌ସଲ୍ଟସ୍ ଟୁ ନ୍ୟାସନାଲ୍ ଅନର୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୬' ପାରିତ କରିଛି। ଏହାଦ୍ୱାରା 'ବନ୍ଦେ ମାତରମ୍'କୁ ଅପମାନରୁ ଆଇନଗତ ସୁରକ୍ଷା ମିଳିବା ସହ ଜାତୀୟ ସଙ୍ଗୀତ ଭଳି ଏହାର ମର୍ଯ୍ୟାଦାକୁ ଆଇନର ଆଧାର ଦିଆଯାଇଛି। ତେବେ ଏହି ପଦକ୍ଷେପକୁ ନେଇ ଲୋକସଭାରେ ରାଜନୈତିକ ତର୍କ ମଧ୍ୟ ହୋଇଥିଲା। ଡିଏମକେ ଏହାକୁ ବିରୋଧ କରିଥିବାବେଳେ ବିଜେପି ଏହାଦ୍ୱାରା ଜାତୀୟ ଗୀତ ପ୍ରତି ନାଗରିକଙ୍କ ସମ୍ମାନ ସୁନିଶ୍ଚିତ ହେବ ବୋଲି କହିଛି।

## ଆଜିର ମୁଖ୍ୟ ଖବର

- ମଧ୍ୟପ୍ରଦେଶର ରାଜଗଡ଼ରେ ଡ୍ରେନରେ ଭାସିଗଲା କାର, ୧୧ରୁ ୭ଟି ମୃତଦେହ ଉଦ୍ଧାର, ଦୁଇ ଜଣ ପହଁରି ଜୀବନ ବଞ୍ଚାଇଲେ ।
- ଦିଲ୍ଲୀର ଜାହାଙ୍ଗୀରପୁରୀ ହତ୍ୟାକାଣ୍ଡର ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ନନ୍ଦୀଗ୍ରାମରୁ ଗିରଫ, ଦିଲ୍ଲୀ ପୋଲିସକୁ ହସ୍ତାନ୍ତର।
- ଲୋକସଭାରେ ଟ୍ରିବ୍ୟୁନାଲ ସଂସ୍କାର ବିଲ୍ ପାରିତ।
- କେରଳର ନାମ ପରିବର୍ତ୍ତନ କରି କେରଳମ୍ ରଖିବାକୁ ଲୋକସଭାରେ ବିଲ୍ ଆଗତ।
- ମଣିପୁରରେ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀ କ୍ୟାଡରଙ୍କୁ ଗିରଫ କଲା ସୁରକ୍ଷା ବାହିନୀ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୩୫ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୭୪୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୨୬ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

## ଋଷ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

ମସ୍କୋ, ୧୦।୮

ପୁଣିଥରେ ଋଷ ଓ ୟୁକ୍ରେନ ମଧ୍ୟରେ ଉତ୍ତେଜନା ତୀବ୍ର ହୋଇଛି।ଋଷର ତାତାରସ୍ତାନ ଅଞ୍ଚଳର ନିଜ୍ନେକାମସ୍କ ସହରରେ ଶିଳ୍ପ ଓ ନାଗରିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରି ୟୁକ୍ରେନ୍ ପକ୍ଷରୁ ବ୍ୟାପକ ଡ୍ରୋନ୍ ଆକ୍ରମଣ କରାଯାଇଥିବା ଋଷ ପକ୍ଷରୁ କୁହାଯାଇଛି। ଏହି ଆକ୍ରମଣରେ ଅତି କମ୍‌ରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୯ ଜଣ ଆହତ ହୋଇଛନ୍ତି। ସୋମବାର ନିଜ୍ନେକାମସ୍କର ମେୟର ରାଦମିର ବେଲିୟାଏଭ ଏହି ସୂଚନା ଦେଇଛନ୍ତି।

ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଆକ୍ରମଣରେ ତାତାରସ୍ତାନର ଏକ ପ୍ରମୁଖ ତୈଳ ବିଶୋଧନାଗାରକୁ ମଧ୍ୟ ଟାର୍ଗେଟ୍ କରାଯାଇଛି। ଏହା ଋଷର



ଅତ୍ୟାଧୁନିକ ତୈଳ ବିଶୋଧନାଗାରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଆକ୍ରମଣ ପରେ ସେଠାରେ ଧୂଆଁ ଉଠୁଥିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା କିଛି ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓରେ ଲୋକମାନେ ଆତଙ୍କିତ ହୋଇ ଏଣେତେଣେ ଦୌଡୁଥିବାର ଦୃଶ୍ୟ ମଧ୍ୟ ରହିଛି।ଏହା ପୂର୍ବରୁ ଜୁନ୍ ମାସରେ ୟୁକ୍ରେନ୍ ପକ୍ଷରୁ ଟାଟନେଫର ଟାନେକୋ ତୈଳ ବିଶୋଧନାଗାର (ପୃଷ୍ଠା ୭ରେ)

# ୟୁପିଆଇରେ ଲାଗିବନି ଟିକସ

ନୂଆଦିଲ୍ଲୀ, ୧୦।୮

ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (ୟୁପିଆଇ) ଉପରେ ଟିକସ ଲଗାଇବା ସମ୍ପର୍କିତ ଟିକସ ଓ ଅନ୍ୟାନ୍ୟ ନିୟମ (ସଂଶୋଧନ) ୨୦୨୬ ବିଲ୍ ସଂସଦରେ ଗୃହୀତ ହୋଇଛି। ଗତ ସପ୍ତାହରେ ଏହି ବିଲ୍ ଲୋକସଭାରେ ଗୃହୀତ ହୋଇଥିଲା। ସୋମବାର ରାଜ୍ୟସଭାରେ ଏହା ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାଗ ନେଇ ୟୁପିଆଇ ଉପରେ ଟିକସ ଲଗାଇବାର କୌଣସି ପ୍ରସ୍ତାବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ବାଚନିକ ଭୋଟ୍ ସହ ଏହି ବିଲ୍‌କୁ ରାଜ୍ୟସଭା ଫେରାଇ ଦେଇଥିଲା। ବିଲ୍ ସଂକ୍ରାନ୍ତରେ



ହେଉଥିବା ଆଲୋଚନାକୁ ଖଣ୍ଡନ କରି ସୀତାରମଣ କହିଥିଲେ ଯେ ୟୁପିଆଇ ଆରମ୍ଭ ହେବା ଦିନଠାରୁ ଗ୍ରାହକମାନଙ୍କ ପାଇଁ ନିଃଶୁଳ୍କ ରହିଛି। ସମସ୍ତ ଭାରତୀୟ କୌଣସି ଶୁଳ୍କ ନ ଦେଇ ଏହି ଡିଜିଟାଲ ପେମେଣ୍ଟ୍ ସୁବିଧାକୁ ବ୍ୟବହାର କରିବା ଜାରି ରଖିବେ। ପେମେଣ୍ଟ୍ ଆଣ୍ଡ୍ ସେଟଲମେଣ୍ଟ୍ ଆକ୍ଟ ଓ ଆୟକର ନିୟମ ମଧ୍ୟରେ ରହୁଥିବା ସମ୍ପର୍କକୁ ଏହି ସଂଶୋଧିତ ବିଲ୍‌ରେ ହଟାଇ ଦିଆଯାଇଛି। ୟୁପିଆଇ ଓ ରୂପେ କାର୍ଡ କାରବାର ପାଇଁ ଶୂନ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଜିରୋ ଏମଡିଆର) ଫ୍ରେମୱାର୍କକୁ ବଦଳାଇବା ପାଇଁ ଏଥିରେ ସରକାରଙ୍କୁ କ୍ଷମତା ଦିଆଯାଇଛି। ବର୍ତ୍ତମାନ ୟୁପିଆଇ ଓ ରୂପେ କାର୍ଡ କାରବାର ଉପରେ ବ୍ୟାଙ୍କ କିମ୍ବା ପେମେଣ୍ଟ୍ ସେବା ପ୍ରଦାନକାରୀ ସଂସ୍ଥା କୌଣସି ଶୁଳ୍କ ଲଗାଉ ନାହାନ୍ତି।

କିନ୍ତୁ ସଂସଦରେ ପାରିତ ହୋଇଥିବା ବିଲ୍‌ରେ ସରକାରଙ୍କୁ ଶୁଳ୍କ ଲଗାଇବା ଅନୁମତି ଦେବାର କ୍ଷମତା ପ୍ରଦାନ (ପୃଷ୍ଠା ୭ରେ)

## ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୨ ଚାଷୀ ମୃତ

ମୟୂରଭଞ୍ଜ, ୧୦।୮
ନ୍ୟୁଜ୍ ବ୍ୟୁରୋ

ବାରିପଦା ସଦର ଥାନା ଅଧୀନ ରାଜାବସା ପଞ୍ଚାୟତର କାଶିପାଳ ଗ୍ରାମରେ ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି।

ସୂଚନାନୁସାରେ, ସୋମବାର ଚାଷ କାମ ସାରି ଘରକୁ ଫେରୁଥିବା ସମୟରେ ବଜ୍ରାଘାତର ଶିକାର ହୋଇ କାଶିପାଳ ଗ୍ରାମର କାତୁଲ ହାଁସଦା (୪୮) ଓ ଫୁଲମଣି ହାଁସଦା (୪୦)ଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ସ୍ୱର୍ଗତ ହରି ହାଁସଦାଙ୍କ ପୁଅ କାତୁଲ ହାଁସଦା ଓ ସ୍ୱର୍ଗତ ମଙ୍ଗଲ ହାଁସଦାଙ୍କ ପତ୍ନୀ ଫୁଲମଣି ହାଁସଦା ଗ୍ରାମ ନିକଟସ୍ଥ କ୍ଷେତରେ (ପୃଷ୍ଠା ୭ରେ)

## ଏକାଳ ପଖାଳ




ଜେନ୍-ଜିଙ୍କୁ ନେଇ ଦେଶଠୁ ରାଇଜ
ଚରଚା ଯେ ଚାରିଆଡେ
ଯୁବବର୍ଗଙ୍କୁ ଟାଣିବା ପେଇଁକି
ରାଜନୀତି ରଥ ଗଡେ
ଯୁବଗୋଷ୍ଠୀ ଗୋଡ କାଢେ
ନେତା ଯେତକ ନସର ପସର
ଜେନ୍-ଜିଙ୍କର ଭିଡେ।

# ଲୋକଙ୍କ ସ୍ୱର ଶୁଣାଯାଉ, ସଂସଦ ଚାଲୁ



ନୂଆଦିଲ୍ଲୀ, ୧୦।୮

ଲଗାତାର ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା କାର୍ଯ୍ୟ ଅଚଳ ହୋଇପଡ଼ିଥିବା ବେଳେ ସୋମବାର ସବୁ ଦଳର ନେତାଙ୍କୁ ସଂସଦ ଚଳାଇବା ପାଇଁ ସହଯୋଗ କରିବାକୁ ଭାବପୂର୍ଣ୍ଣ ଆହ୍ୱାନ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ସୋମବାର ଲୋକସଭାର ବିଜିନେସ ଆଡଭାଇଜରି କମିଟି ବୈଠକରେ ସେ କହିଛନ୍ତି, ଲୋକଙ୍କ ସ୍ୱର ସଂସଦରେ ଶୁଣାଯିବା ଦରକାର। ସଂସଦରେ ଆଲୋଚନା ଓ ସାର୍ଥକ ତର୍କ ମାଧ୍ୟମରେ ଜନସାଧାରଣଙ୍କ ସମସ୍ୟା ଉପସ୍ଥାପିତ ହେବା ଉଚିତ ବୋଲି ସେ କହିଛନ୍ତି।

ବାଚସ୍ପତି ସବୁ ଦଳର ନେତାଙ୍କୁ ଆହ୍ୱାନ କରି କହିଛନ୍ତି, ସଂସଦୀୟ ପରମ୍ପରାର ସର୍ବୋଚ୍ଚ ମର୍ଯ୍ୟାଦା ବଜାୟ ରଖି ଗୃହର କାର୍ଯ୍ୟ ସୂଚାରୁ ଭାବେ ଚାଲିବାକୁ ସହଯୋଗ କରାଯାଉ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସାଂସଦମାନେ ନିଜ ମତ ରଖିବାର ସୁଯୋଗ ପାଇବା ଆବଶ୍ୟକ। ହଟ୍ଟଗୋଳ ଯୋଗୁଁ ଆଲୋଚନା ବନ୍ଦ ହେଲେ ଲୋକଙ୍କ ସମସ୍ୟା ଉପରେ ସଂସଦରେ ବିସ୍ତୃତ ଓ ଫଳପ୍ରଦ ଚର୍ଚ୍ଚା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ଚଳିତ ମୌସୁମୀ ଅଧିବେଶନରେ ବିରୋଧୀ ଦଳଗୁଡ଼ିକର ଲଗାତାର ପ୍ରତିବାଦ ମଧ୍ୟରେ ଆଜି ୧୬ଶ ଦିନ ପାଇଁ ଲୋକସଭାର ପ୍ରଶ୍ନକାଳ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଛାତ୍ରମାନଙ୍କ ଉପରେ ପୁଲିସର କଥିତ (ପୃଷ୍ଠା ୭ରେ)

## ଆସୁଛି ଆଉ ଏକ ଲଘୁଚାପ ୫ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦।୮
ନ୍ୟୁଜ୍ ବ୍ୟୁରୋ

ପୁଣି ଆସୁଛି ଆଉ ଏକ ଲଘୁଚାପ। ଏଥିପାଇଁ ଜାରି ହୋଇଛି ଆଲର୍ଟ। ଆସନ୍ତା ୧୧ ତାରିଖରେ ଉତ୍ତର ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ ୧୩ ତାରିଖ ବେଳକୁ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର। ଏବେ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଓ ତତ୍‌ସଂଲଗ୍ନ ଛତିଶଗଡ଼ ଉପରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଲଘୁଚାପ ବ୍ୟତୀତ ଏବେ ମୌସୁମୀ ଟ୍ରଫ ଲାଇନ ବିକାନେର, ଗ୍ୱାଲିୟର, ପୁରୀ ଦେଇ ଦକ୍ଷିଣ-ପୂର୍ବ ଦିଗରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରକୁ ୩ କିଲୋମିଟର ଯାଏ ବ୍ୟାପିଛି। ଏହାର ପ୍ରଭାବରେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି।

ସକ୍ରିୟ ଥିବା (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅଗଷ୍ଟ ୨୦୨୬ ମଙ୍ଗଳବାର





## ବିଭିନ୍ନ ଦାବି ନେଇ ଜିଲ୍ଲା ଅମଲା ସଂଘର ବୈଠକ

କଟକ, ନ୍ୟୁଜ ବ୍ୟୁରୋ

କଟକ ଶତାବ୍ଦୀ ଭବନ ଠାରେ ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ସଭାପତିତ୍ୱରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଅମଲା ସଂଘର ବିଭିନ୍ନ କର୍ମକର୍ତ୍ତା ତଥା ନେତୃମଣ୍ଡଳୀ ଓ ସଭ୍ୟ ମାନେ ଯୋଗ ଦେଇ ଅମଲା ମାନଙ୍କର ସମସ୍ୟା ମଧ୍ୟରେ ପ୍ରବେଶିକା ଗ୍ରେଡ ପେ ୪୨୦୦ ଟଙ୍କା ବୃଦ୍ଧି କରିବା, ଅମଲା କ୍ୟାଡ଼ର ୨୦୨୪ର ପୁନର୍ଗଠନ କରାଯିବା, ପ୍ରତ୍ୟେକ ଅମଲାଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଭଳି ଦାବି ଗୁଡିକ ବୈଠକରେ ଉପସ୍ଥାପନା କରାଯାଇଥିଲା ପରେ ପରେ ଉପୋରକ୍ତ ପ୍ରସ୍ତାବ ଗୁଡ଼ିକ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏଥି ସହିତ ଅନ୍ୟ ଏକ ପ୍ରସ୍ତାବ ସଂଘର କର୍ମକର୍ତ୍ତା ପକ୍ଷରୁ ସଂଘକୁ ସୁଦୃଢ କରଣ କରାଯିବା ସହିତ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ଅମଲା ସଂଘର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ବରାଳ, ମୁଖ୍ୟ ଉପଦେଷ୍ଟା ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ପାଣି, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ମଞ୍ଚାସୀନ ବକ୍ତା ଭାବରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ । ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଲଳିତ କୁମାର ଶତପଥୀ,ଅଜୟ କୁମାର ଜେନା, ସୁଚିତ ମିଶ୍ର, ମାନସ ରଞ୍ଜନ ପତି,ଅବଦୁଲ କାଲାମ ଖାନ୍, ଭରତ ଚନ୍ଦ୍ର ସ୍ୱାଇଁ, ବିପଦ ବାନ୍ଧବ ମହାନ୍ତି, ସୌମ୍ୟରଞ୍ଜନ ସାମଲ,ସୁଦୀପ କୁମାର ପ୍ରଧାନ, ତପନ କୁମାର ମହାପାତ୍ର, କିର୍ତ୍ତୀ ରଞ୍ଜନ ନାୟକ, ସଂଗ୍ରାମ ନାୟକ, ମନୋଜ କୁମାର ତ୍ରିପାଠୀ, ସୁନାକର ମଲ୍ଲିକ, ସାବନା ଆଜମି, ନିରଞ୍ଜନ ପରିଡ଼ା, ଦୀପକ ସେଠ୍, ଦେବାଶିଷ ମହାନ୍ତି, ଦେବାଶିଷ ରୟ, ଗୁରୁପ୍ରସାଦ ସିହ୍ନା, ଅରୁଣ ବାରିକ, ଅଭିଜିତ୍ ସିଂହ, ନିରଞ୍ଜନ ଆରୁଖ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ କୋଷାଧକ୍ଷ ଗୁରୁ ଗୋବିନ୍ଦ ଦଳାଇଙ୍କ ସ୍ଥାନରେ ସୁଜିତ୍ କୁମାର ମିଶ୍ରଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ତୁଲାଇବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା । ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

# ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ସଙ୍କଳ୍ପ ନେଲେ ଆଦିବାସୀ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ବିଶ୍ୱ ଆଦିବାସୀ ଦିବସ ଅବସରରେ ସୁବର୍ଣ୍ଣପୁର ମାଟିରେ ଆଦିବାସୀ ଏକତା, ଅସ୍ମିତା, ସ୍ୱାଭିମାନ, ସଂସ୍କୃତି ଓ ସାମ୍ବିଧାନିକ ଅଧିକାରର ଶକ୍ତିଶାଳୀ ସ୍ୱର ପ୍ରତିଧ୍ୱନିତ ହୋଇଛି । ଏହି ଦିବସ କେବଳ ଉତ୍ସବରେ ସୀମିତ ନ ରହି ଜଳ-ଜଙ୍ଗଲ-ଜମି, ଗ୍ରାମସଭାର ଅଧିକାର ଏବଂ ଆଦିବାସୀ ସମାଜର ସାମ୍ବିଧାନିକ ସୁରକ୍ଷା ପାଇଁ ଏକ ବିଶାଳ ଜନସ୍ୱରରେ ପରିଣତ ହୋଇଥିଲା । ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହଜାର ହଜାର ଆଦିବାସୀ ଭାଇଭଉଣୀ ନୃତ୍ୟ, ଗୀତ, ଢାପ, ଢକା, ମାଦଳ, ନିଶାନ ସମେତ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେ ବିଶାଳ ଶୋଭାଯାତ୍ରାରେ ସୁବର୍ଣ୍ଣପୁର ସହର ପରିକ୍ରମା କରିଥିଲେ । ଆଦିବାସୀ ନୃତ୍ୟ, ସଙ୍ଗୀତ, ପରମ୍ପରା ଓ ସାଂସ୍କୃତିକ ବୈଭବର ଅପୂର୍ବ ସମାଗମରେ ସମଗ୍ର ସହର ଉତ୍ସବମୁଖର ହୋଇଉଠିଥିଲା । ପରେ ସୁବର୍ଣ୍ଣପୁର ଟାଉନ ହଲ୍‌ରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡଃ ନୃପରାଜ ସାହୁ, ବୌଦ୍ଧ ଏସ୍‌ଡିସି ଅଧ୍ୟକ୍ଷ, ସୁବର୍ଣ୍ଣପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ, ଗୁପ୍ତେଶ୍ୱର ମଲ୍ଲିକ, ଜଗନ୍ନାଥ ଧରୁଆ, ପ୍ରଫୁଲ୍ଲ ତୁମୁନିଆଁ, ରାମଚନ୍ଦ୍ର ମୁର୍ମୁଙ୍କ ସମେତ ସମସ୍ତ ବ୍ଲକ୍‌ର ସଭାପତି ଓ ସମ୍ପାଦକ, ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ପଦାଧିକାରୀ, ଆଦିବାସୀ ନେତୃବୃନ୍ଦ, ମହିଳା, ଯୁବକ-ଯୁବତୀ ଏବଂ ବହୁସଂଖ୍ୟକ ଆଦିବାସୀ ଭାଇଭଉଣୀ ଯୋଗଦେଇଥିଲେ । ସଭାରେ ଆଦିବାସୀ ସମାଜର ସାମ୍ବିଧାନିକ ଅଧିକାର, ଜଳ-ଜଙ୍ଗଲ-ଜମିର ସୁରକ୍ଷା, ଶିକ୍ଷା ଓ ନିଯୁକ୍ତି, ଜମି ଓ ଜଙ୍ଗଲ ଅଧିକାର, ସାମାଜିକ ଓ ଅର୍ଥନୈତିକ ନ୍ୟାୟ, ଆଦିବାସୀ




ଭାଷା-ସଂସ୍କୃତି-ପରମ୍ପରାର ସଂରକ୍ଷଣ, ଗ୍ରାମସଭାର ଅଧିକାର ଏବଂ ଆଦିବାସୀ ସମାଜ ସମ୍ମୁଖୀନ ହେଉଥିବା ବିଭିନ୍ନ ଜ୍ୱଳନ୍ତ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବକ୍ତାମାନେ କହିଥିଲେ ଯେ ଭାରତୀୟ ସମ୍ବିଧାନ ଅନୁସୂଚିତ ଜନଜାତିଙ୍କୁ ପ୍ରଦାନ କରିଥିବା ସୁରକ୍ଷା, ସଂରକ୍ଷଣ ଓ ଅଧିକାର କେବଳ ଆଇନର ପୃଷ୍ଠାରେ ସୀମିତ ରହିଲେ ଚଳିବ ନାହିଁ । ଏହାର ନିଷ୍ଠାପର, ପାରଦର୍ଶୀ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ତୃଣମୂଳସ୍ତରରେ ସୁନିଶ୍ଚିତ ହେବା ଆବଶ୍ୟକ । ଆଦିବାସୀଙ୍କ ବିକାଶ ସହ ସେମାନଙ୍କ ଅସ୍ମିତା, ପାରମ୍ପରିକ ଅଧିକାର, ଭାଷା, ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷାକୁ ସମାନ ଗୁରୁତ୍ୱ ଦିଆଯିବା ଉପରେ ମଧ୍ୟ ଜୋର ଦିଆଯାଇଥିଲା । ଏହି ଐତିହାସିକ ସମାବେଶ ଅବସରରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ, ସୁବର୍ଣ୍ଣପୁର ପକ୍ଷରୁ ଆଦିବାସୀ ସମାଜର ବିକାଶ, ଅଧିକାର ଓ ସୁରକ୍ଷା ସମ୍ପର୍କିତ ୯ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଦାବିଗୁଡ଼ିକ ମଧ୍ୟରେ ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ବିକାଶ, ଅନ୍ୱେଷା ଯୋଜନା, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ, ଖଣି ଲିଜ୍ ବନ୍ଦ, ଜଙ୍ଗଲ ଜମି ଅଧିକାର ସ୍ୱତ୍ୱ ପ୍ରଦାନ, ଆଦିବାସୀ ଭାଷା ସଂସ୍କୃତି ଓ ଦେବଦେବୀଙ୍କ ସୁରକ୍ଷା ସମେତ ସୁବର୍ଣ୍ଣପୁର ଜିଲ୍ଲାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରେ ସାମିଲ କରିବା ଭଳି ପ୍ରମୁଖ ପ୍ରସଙ୍ଗ ସ୍ଥାନ ପାଇଥିଲା । ସମାବେଶରୁ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ ଆଦିବାସୀଙ୍କ ଅସ୍ତିତ୍ୱ ସହ କୌଣସି ସାଲିସ୍ ନାହିଁ; ଆଦିବାସୀଙ୍କ ଅସ୍ମିତା ସହ କୌଣସି ସାଲିସ୍ ନାହିଁ; ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ସହ କୌଣସି ସାଲିସ୍ ନାହିଁ । ଜଳ-ଜଙ୍ଗଲ-ଜମି କେବଳ ପ୍ରାକୃତିକ ସମ୍ପଦ ନୁହେଁ; ଏହା ଆଦିବାସୀଙ୍କ ଜୀବନ, ଜୀବିକା, ଇତିହାସ, ସଂସ୍କୃତି, ପରମ୍ପରା ଓ ପରିଚୟର ଅବିଚ୍ଛେଦ୍ୟ ଅଂଶ ବୋଲି ସମାବେଶରେ ମତପ୍ରକାଶ ପାଇଥିଲା । "ସମ୍ବିଧାନ ଆମର ଅଧିକାର ଜଳ-ଜଙ୍ଗଲ-ଜମି ଆମର ପରିଚୟ ଗ୍ରାମସଭା ଆମର ଶକ୍ତି ଏକତା ଆମର ସଂକଳ୍ପ" ଏହି ବାର୍ତ୍ତା ସହ ଆଦିବାସୀ ସମାଜର ଏକତାକୁ ଆହୁରି ସୁଦୃଢ଼ କରିବା, ସାମ୍ବିଧାନିକ ଅଧିକାର ସମ୍ପର୍କରେ ତୃଣମୂଳସ୍ତରରେ ସଚେତନତା ବଢ଼ାଇବା ଏବଂ ଜଳ-ଜଙ୍ଗଲ-ଜମି, ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷା ପାଇଁ ଏକତ୍ରିତ ଭାବେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା । ବିଶ୍ୱ ଆଦିବାସୀ ଦିବସର ଏହି ଭବ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ବ୍ଲକ୍‌ର ସଭାପତି, ସମ୍ପାଦକ, ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ପଦାଧିକାରୀ, ଆଦିବାସୀ ନେତୃବୃନ୍ଦ, ସ୍ୱେଚ୍ଛାସେବୀ, ଯୁବକ-ଯୁବତୀ, ମା' ଓ ଭଉଣୀମାନଙ୍କ ସମେତ ହଜାର ହଜାର ଆଦିବାସୀ ଭାଇଭଉଣୀ ସକ୍ରିୟ ଭାବେ ଯୋଗଦେଇଥିଲେ ।

## ଶିଶୁଙ୍କ ସୁସ୍ଥ ବିକାଶରେ ମା' କ୍ଷୀରର ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ



ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ବୃଦ୍ଧି ଓ ମାଆମାନଙ୍କୁ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ପୁରୁଣା ମେଡିକାଲ ପରିସରସ୍ଥିତ ସମ୍ମିଳନୀ ଗୃହରେ ମଧ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ତନ୍ୟପାନର ଉପକାରିତା, ଶିଶୁଙ୍କ ସୁସ୍ଥ ବିକାଶରେ ମାଆ କ୍ଷୀରର ଭୂମିକା ଏବଂ ଶିଶୁଙ୍କୁ ସଠିକ୍ ଭାବେ ସ୍ତନ୍ୟପାନ କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ର ଓ ତୁଳସୀ ନର୍ସିଂ କଲେଜର ଛାତ୍ରୀମାନେ ମାଆ କ୍ଷୀରର ଉପକାରିତା ଏବଂ ସ୍ତନ୍ୟପାନର ଅଭାବରୁ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ଦୁଇଟି ଏକକ ଅଭିନୟ ପରିବେଷଣ କରିଥିଲେ । ବାସ୍ତବ ଜୀବନର ଚିତ୍ରକୁ ନିଖୁଣ ଭାବେ ଉପସ୍ଥାପନ କରିଥିବା ଏହି ଅଭିନୟ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଶେଷଜ୍ଞ ଡାକ୍ତର ସୁଲଗ୍ନା ନେଗି ମାଆ କ୍ଷୀରକୁ ଶିଶୁ ପାଇଁ ଅମୃତ ସମାନ ବୋଲି ଉଲ୍ଲେଖ କରି କହିଥିଲେ ଯେ, ଜନ୍ମ ପରେ ଯଥାଶୀଘ୍ର ଶିଶୁକୁ ସ୍ତନ୍ୟପାନ କରାଇବା ଆବଶ୍ୟକ । ଶିଶୁର ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବା ସହିତ ଅତି କମରେ ଦୁଇ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବାର ଗୁରୁତ୍ୱ ସେ ବୁଝାଇଥିଲେ । ସ୍ତନ୍ୟପାନ ଉଭୟ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ୍ ଡାକ୍ତର ମନୋରଞ୍ଜନ ସାହୁ, ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ପ୍ରିନ୍ସିପାଲ ଇନ୍‌ଚାର୍ଜ ଅନୁଜା ନାୟକ ଏବଂ ତୁଳସୀ ନର୍ସିଂ କଲେଜର ପ୍ରିନ୍ସିପାଲ ଜ୍ୟୋତିର୍ମୟୀ ପଟ୍ଟନାୟକ ସ୍ତନ୍ୟପାନ କରାଇବାର ସଠିକ୍ ପଦ୍ଧତି ଓ ଶିଶୁଙ୍କୁ ମାଆ କ୍ଷୀର ନଦେଲେ ହେଉଥିବା ସମ୍ଭାବ୍ୟ କ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସହରାଞ୍ଚଳର ପାଞ୍ଚ ଜଣ ମାଆଙ୍କୁ ସେମାନଙ୍କ ଶିଶୁଙ୍କୁ ଛଅ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ପ୍ରଦାନ କରିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଏକକ ଅଭିନୟ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିବା ନର୍ସିଂ ଛାତ୍ରୀମାନଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର, ଇନ୍‌ଚାର୍ଜମାନେ, ପୁଷ୍ଟି ପୁନର୍ବାସ କେନ୍ଦ୍ର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ାର ପରାମର୍ଶଦାତା ଓ ପରାମର୍ଶଦାତ୍ରୀ, ଏଏନ୍‌ଏମ୍ ଏବଂ ସହରାଞ୍ଚଳ ଆଶା କର୍ମୀମାନେ ଉପସ୍ଥିତ ଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲାସ୍ତରୀୟ କର୍ମଚାରୀଙ୍କ ସହ ଫାଇନାନ୍ସିଆଲ ଅଫିସର ଆଶୁତୋଷ ତ୍ରିପାଠୀ ମଧ୍ୟ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଡେପୁଟି ମ୍ୟାନେଜର ଡାକ୍ତର ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଯୋଜନା ଓ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### କିଷାନ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

## ଚାଷୀ ସମସ୍ୟା ଉପରେ ଗୁରୁତ୍ୱ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା କିଷାନ କଂଗ୍ରେସର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରୀଣି ବୈଠକ ଓ ଆଲୋଚନା ଚକ୍ର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ କିଷାନ ବିଭାଗର ଜିଲ୍ଲା ଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ସାଙ୍ଗଠନିକ ପଦବୀ ପୂରଣ କରିବା ସହ ଜିଲ୍ଲା ରେ ଚାଷୀ ମାନଙ୍କର ଧାନମଣ୍ଡି ସମସ୍ୟା, ବନ୍ୟା ପ୍ରଭାବିତ କ୍ଷୟକ୍ଷତି, ଖରିଫ ଋତୁରେ ସାରର ଅଭାବ ଏବଂ ଅହେତୁକ ଦର ବୃଦ୍ଧି, ଚାଷ ଜମିକୁ ଜଳ ସେଚନ ଓ ନିଷ୍କାସନ ଆଦି ସମସ୍ୟା ଉପରେ ଆଗାମୀ ଦିନରେ ସରକାର ଏବଂ ପ୍ରଶାସନ କୁ ଜବାବ ମଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଜିଲ୍ଲା କିଷାନ ବିଭାଗ ଅଧ୍ୟକ୍ଷ ବିଭୂତି ଭୂଷଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କିଷାନ କଂଗ୍ରେସ ଚେୟାରମ୍ୟାନ ଅଭୟ ସାହୁ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ରାଜ୍ୟ କିଷାନ କଂଗ୍ରେସ ଭାଇସ ଚେୟାରମ୍ୟାନ କାର୍ତ୍ତିକ ଚନ୍ଦ୍ର ବରାଳ, ଶିତିକାନ୍ତ ମହାନ୍ତି, ରାଜ୍ୟ ସଂଗଠନ ସମ୍ପାଦକ କାଶୀନାଥ ସ୍ୱାଇଁ, ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବିଭୂତି ଭୂଷଣ ଲେଙ୍କା, ନାଉଗାଁ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବିଭୁ ପ୍ରସାଦ ନାୟକ, ବାଲିକୁଦା ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବାବାଜୀ ଚରଣ ଜେନା, କୁଜଙ୍ଗ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ସ୍ୱରୂପ କୁମାର ବିଶ୍ୱାଳ, ଜଗତସିଂହପୁର ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ଭଗବାନ ବିଶ୍ୱାଳ ତିର୍ତ୍ତୋଲ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବିଜୟ କୁମାର ପୃଷ୍ଟି, ବିରିଡ଼ି ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ଆଲୋକ ସ୍ୱାଇଁ, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି ଙ୍କ ସମତେ ଜ୍ୟୋତି ରଞ୍ଜନ ରାୟ, ପ୍ୟାରେସ ପାତ୍ର, ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।




## ଗାୟତ୍ରୀ ଶକ୍ତିପୀଠ ବୃକ୍ଷ ରୋପଣ

ରମ୍ଭା, ନ୍ୟୁଜ ବ୍ୟୁରୋ

ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠ ପରିସରରେ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବାଦ ଆମ ଓଡ଼ିଶା ରମ୍ଭା ଶାଖାର ସଂଯୋଜକ ରବିନାରାୟଣ ସେନାପତିଙ୍କ ଆହ୍ୱାନ କ୍ରମେ ସମ୍ବାଦ ସାହିତ୍ୟ ଘର ରମ୍ଭା ଓ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମିଳିତ ସହଯୋଗରେ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅଁଳା, ବେଲ, ପିଜୁଳି, ଡାଳିମ୍ବ, ମନ୍ଦାର, ଆତ, ଲେମ୍ବୁ, କମଳା, ଅଶୋକ, ଅର୍ଜୁନ, କଦମ୍ବ, ଜାମୁକୋଳି ଆଦି ୨୫ଟି ଚାରା ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବାଦ ସାହିତ୍ୟ ଘରର ସଭାପତି ଜୟକୃଷ୍ଣ ତ୍ରିପାଠୀ, ସମ୍ବାଦ ସାହିତ୍ୟ ଘରର ସମ୍ପାଦକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରକୃତିବନ୍ଧୁ ସହକାରୀ ଶିକ୍ଷକ ଶେଷଦେବ ବେହେରା, ସି ରାମେୟା ପାତ୍ର, କାଳିଆ ବେହେରା ଓ ସୁମିତ୍ରା ଗୌଡ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରି ଥିଲେ । ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ ନିହାତି ଆବଶ୍ୟକ ବୋଲି ସଚେତନତା କରାଯାଇଥିଲା । ଆୟୋଜକ ଅନୁଷ୍ଠାନମାନଙ୍କୁ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରମୋଦ କୁମାର ପାଢ଼ୀ ଧନ୍ୟବାଦ ସହିତ ଅଭିନନ୍ଦନ ଜଣାଇଛନ୍ତି ।

## ଜଳ ସଂରକ୍ଷଣ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ




ଚୌଦ୍ୱାର, ନ୍ୟୁଜ ବ୍ୟୁରୋ

କେନ୍ଦ୍ର ପରିବେଶ,ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆନୁକୁଲ୍ୟରେ ପ୍ରବର୍ତ୍ତିତ 'କ୍ୟାଚ୍ ଦ ରେନ୍' ଅଭିଯାନ ପରିପ୍ରେକ୍ଷୀରେ ସ୍ଥାନୀୟ ଇମ୍ଫା ଶିଳ୍ପଗୋଷ୍ଠୀ ତରଫରୁ ଜଳ ସଂରକ୍ଷଣ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କପାଳେଶ୍ୱର ଖେଳ ପଡ଼ିଆ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କଟକର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରୟଦର୍ଶିନୀ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । କପାଳେଶ୍ୱର କ୍ଲବ୍‌ର ସଦସ୍ୟବୃନ୍ଦ, ଇମ୍ଫାର ବରିଷ୍ଠ କର୍ମକର୍ତ୍ତା ବୃନ୍ଦ ଏବଂ ସ୍ଥାନୀୟ ବହୁ ଜନ ସାଧାରଣ ଏଥିରେ ଅଂଶ ଗ୍ରହଣକରି ବିଭିନ୍ନ ଫଳ ଚାରା ରୋପଣ କରିଥିଲେ । ଏହି ଅଭିଯାନର ଅଂଶ ସ୍ୱରୂପ ବାଣୀପଦାସ୍ଥିତ ବିଆଇପିଏଫ ସ୍କୁଲରେ ଜଳ ସଂରକ୍ଷଣ ସମ୍ପର୍କିତ ସଚେତନତା ସଭା ଓ ୱାଟର କଞ୍ଜରଭେସନ୍ ମଡେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଇମ୍ଫାର ପରିବେଶ ବିଭାଗ ଓ ଲୋକ ସମ୍ପର୍କ ବିଭାଗ ମିଳିତ ଭାବେ ପରିଚାଳନା କରିଥିଲେ ।

## ଟଙ୍କିକିଆ ଡାକ୍ତରଙ୍କ ଅଭିନବ ସଚେତନତା : 'ନିଜ ରକ୍ତଚାପ ନିଜେ ଜାଣନ୍ତୁ'

ବରଗଡ଼, ନ୍ୟୁଜ ବ୍ୟୁରୋ

ଉଚ୍ଚ ରକ୍ତଚାପ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜେ ନେବାର ବାର୍ତ୍ତା ଦେଇ ଟଙ୍କିକିଆ ଡାକ୍ତର ଶଙ୍କର ରାମଚନ୍ଦାନି ଆରମ୍ଭ କରିଛନ୍ତି ଏକ ଅଭିନବ ଜନସଚେତନତା ଅଭିଯାନ । "ନିଜ ରକ୍ତଚାପ ନିଜେ ଜାଣନ୍ତୁ" ବାର୍ତ୍ତା ନେଇ ପଦ୍ମପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଆଗ୍ରହ ସୃଷ୍ଟି କରିଛି । କାର୍ଯ୍ୟକ୍ରମରେ ଡିଜିଟାଲ୍ ରକ୍ତଚାପ ମାପ ଯନ୍ତ୍ର ଦ୍ୱାରା କିଭଳି ସହଜରେ ନିଜେ ନିଜର ରକ୍ତଚାପ ମାପିହେବ, ସେନେଇ ଡା. ରାମଚନ୍ଦାନି ଉପସ୍ଥିତ ଲୋକଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଏଥିସହ ପ୍ରାୟ ୨୫ଟି ରକ୍ତଚାପ ମାପ ଯନ୍ତ୍ର ମାଗଣାରେ ପ୍ରଦାନ କରାଯାଇଥିଲା । ଏହି ଅଭିନବ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବାଞ୍ଛାନିଧି ପଣ୍ଡା ଶୁଭ ଉଦ୍‌ଘାଟନ କରିଥିବା ବେଳେ ଡା. ଶଙ୍କର ରାମଚନ୍ଦାନିଙ୍କ ବଡ଼ଭାଇ ସୁରେଶ ରାମଚନ୍ଦାନି ସହଯୋଗ କରିଥିଲେ । ଡା. ରାମଚନ୍ଦାନି କହିଥିଲେ ଯେ, ଉଚ୍ଚ ରକ୍ତଚାପକୁ ଅନେକ ସମୟରେ "ନିରବ ଘାତକ" ବୋଲି କୁହାଯାଏ । ଅନେକ ଲୋକ ନିଜର ରକ୍ତଚାପ ବଢ଼ିଥିବା କଥା ଜାଣିପାରନ୍ତି ନାହିଁ । ତେଣୁ ନିୟମିତ ଭାବେ ରକ୍ତଚାପ ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ । ସମୟରେ ରକ୍ତଚାପ ସମ୍ପର୍କରେ ଜାଣିପାରିଲେ ହୃଦ୍‌ରୋଗ, ଷ୍ଟ୍ରୋକ୍ ଓ କିଡନୀ ସମ୍ବନ୍ଧୀୟ ଗୁରୁତର ସ୍ୱାସ୍ଥ୍ୟ ବିପଦକୁ ନିୟନ୍ତ୍ରଣ କରିବାର ସୁଯୋଗ ବଢ଼ିଥାଏ । "ରକ୍ତଚାପ ମାପିବା ପାଇଁ ପ୍ରତିଥର ହସ୍ପିଟାଲ କିମ୍ବା କ୍ଲିନିକ୍ ଯିବା ଆବଶ୍ୟକ ନାହିଁ; ଠିକ୍ ପଦ୍ଧତି ଜାଣିଲେ ଘରେ ମଧ୍ୟ ନିଜେ ରକ୍ତଚାପ ମାପିପାରିବେ" ବୋଲି ସେ ଲୋକଙ୍କୁ ସଚେତନ କରିଥିଲେ । ଏହି ଅଭିଯାନ କେବଳ ପଦ୍ମପୁରରେ ସୀମିତ ରହିବ ନାହିଁ । ନିଜ ଜନ୍ମମାଟିରୁ ଆରମ୍ଭ କରି ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରିବାକୁ ଡା. ରାମଚନ୍ଦାନି ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । ଅସହାୟ, ଗରିବ ଓ ଚାଷୀଭାଇମାନଙ୍କ ପ୍ରତି ସେବା ଓ ସହଯୋଗ ପାଇଁ ପରିଚିତ ଡା. ଶଙ୍କର ରାମଚନ୍ଦାନିଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି । "ଉଚ୍ଚ ରକ୍ତଚାପ ଯୋଗୁଁ କାହାରି ମୂଲ୍ୟବାନ ଜୀବନ ନଯାଉ"— ଏହି ମହତ୍ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଅଭିଯାନକୁ ବୁଦ୍ଧିଜୀବୀ ମହଲରେ ଏକ ଉପଯୋଗୀ ଓ ପ୍ରେରଣାଦାୟକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।



## କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କ ଶ୍ରେଣୀପ୍ରବେଶ ଉତ୍ସବ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳାଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର କଳା ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀମାନଙ୍କ ଶ୍ରେଣୀ ପ୍ରବେଶ ଉତ୍ସବ ଅଧ୍ୟକ୍ଷ ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ପାଳିତ ହେଉଥିବା ଉତ୍ସବରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଦିପ୍ତୀ ରେନୁ ମହାନ୍ତିଙ୍କ ସହିତ ଅଧ୍ୟାପକ ଚନ୍ଦ୍ରକାନ୍ତ ବାରିକ, ଡ଼ଃ. ସୁରଞ୍ଜନ ଲେଙ୍କା, ନରେଶ ମହାପାତ୍ର, ମନୋଜ କୁମାର ସ୍ୱାଇଁ, କମଳାକାନ୍ତ ପଣ୍ଡା, ପବିତ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାପାଇଁ ଉଦ୍‌ବୋଧନ ଦେଇଥିଲେ । ପରିଶେଷରେ ପଦାର୍ଥ ବିଜ୍ଞାନର ପ୍ରୟୋଗଶାଳା ଅଧିକାରୀ ସନାତନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।




## ସାନ୍ତସାହି ଗଣ୍ଡାକିଆ ରାସ୍ତାରେ ବନ୍ଦ ହେବ ଭାରୀଯାନ ଚଳାଚଳ

କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ସାନ୍ତସାହି ପୋଲ ଠାରୁ ଗଣ୍ଡାକିଆ ପୋଲ ପର୍ଯ୍ୟନ୍ତ ଗଣ୍ଡାକିଆ ରାସ୍ତା ପ୍ରତ୍ୟେକଟି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବେଳେ ରାସ୍ତା କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବାରୁ ଏହା ଚପି ଯାଉଛି । ଏହି ରସ୍ତାରେ ନେଇ ଯାଉଥିବା ବାଲି, ଗୋଡି, ରଡ୍, ସିମେଣ୍ଟ, ୧୬ ଟନ୍‌ରୁ ଅଧିକ ଲୋଡ ଗାଡି ଗୁଡିକୁ ବନ୍ଦ କରିବା ପଇଁ ନିଷ୍ପତି ନିଆଯାଇଛି । ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ବାରମ୍ବାର ରାସ୍ତା ଫାଟୁଥିବାରୁ ଏହି ନିଷ୍ପତ୍ତି ନିଆ ଯାଉଥିବା ଜଣାପଡିଛି । ଆରଡି ବିଭାଗର ଏହି ରାସ୍ତାକୁ ମଜବୁତ ଓ ଉଚ୍ଚକୋଟୀର ବ୍ୟବହାର ନକରି ଗାଡି ଚଳାଚଳକୁ ବନ୍ଦ କରା ଯାଇଥିବାରୁ କେନ୍ଦ୍ରାପଡା ସହର ସାନ୍ତସାହି ପୋଲ ଠାରୁ ଆରମ୍ଭ କରି ୪ଗୋଟି ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକ ବସବାସ କରନ୍ତି । ଏହି ୪ ଗୋଟି ପଞ୍ଚାୟତରେ ଲୋକ ମାନଙ୍କର ଘର ନିର୍ମାଣ ସହିତ ସରକାରୀ ପ୍ରକଳ୍ପ ଗୁଡିକ ମଧ୍ୟ ନିର୍ମାଣ ହୋଇଥାଏ । ଏହି ରସ୍ତାରେ ଏକ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ମଧ୍ୟ ଅବସ୍ଥିତ । ଯଦି ୧୬ଟନ୍‌ରୁ ଅଧିକ ଓଜନର ଗାଡିକୁ ବନ୍ଦ କରାଯାଏ, ତେବେ ଜନ ସାଧାରଣ ଘର ନିର୍ମାଣରେ ୨ଗୁଣରୁ ଅଧିକ ଖର୍ଚ୍ଚାନ୍ତ ହେବେ ବୋଲି ଜଣାପଡିଛି । ଆରଡି ବିଭାଗ ଏହି ରାସ୍ତାକୁ ଉଚ୍ଚକୋଟୀର ନିର୍ମାଣ ନକରି ରାସ୍ତାରେ ଗାଡି ଚଳାଚଳ ଉପରେ କଟକଣା ଲଗାଇଲେ ଏଠାରେ ୪ଟି ପଞ୍ଚାୟତର ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ । ତୁରନ୍ତ ଏହି କଟକଣାକୁ ବନ୍ଦ କରିବା ପାଇଁ ରାଜ୍ୟ ସରପଞ୍ଚର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ ଜେନା ଦାବି କରିଛନ୍ତି । ନଚେତ୍ ଶହ ଶହ ଜନ ସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଉଦ୍‌ଘାଟନ ପରେ ବିଜୁ ବଜାର ଗୃହରେ ତାଲା

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ଓ ସ୍ଥାନୀୟ ବ୍ୟବସାୟୀଙ୍କ ସୁବିଧା ନିମନ୍ତେ ପଞ୍ଚାୟତରେ ନିର୍ମାଣ କରାଯାଇଥିବା ବିଜୁ ବଜାର ଗୃହ ବ୍ୟବହାରରେ ଲାଗୁ ନଥିବା ଅଭିଯୋଗ ହୋଇଛି । କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ କିଛି ଦୂରରେ ରହିଥିବା ବିଜୁ ବଜାର ଗୃହ ଉଦ୍‌ଘାଟନ ଦୀର୍ଘ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ବଜାର ଗୃହରେ ତାଲା ଝୁଲୁଛି । ଏନେଇ ସ୍ଥାନୀୟ ଲୋକ ପ୍ରତିନିଧି ଓ ପଂଚାୟତ କାର୍ଯ୍ୟାଳୟ କର୍ତୃପକ୍ଷଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ୨୦୨୧ ଅକ୍ଟୋବର ୭ ତାରିଖରେ ତତ୍‌କାଳୀନ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ବଜାର ଗୃହ ଉଦ୍‌ଘାଟିତ ହୋଇଥିଲା । ଏହା ଦ୍ୱାରା ଗ୍ରାମାଞ୍ଚଳର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ସୁବିଧା ମିଳିବ ବୋଲି ଆଶା ରହିଥିଲା । ଏଠାରେ ଥିବା ୧୧ଟି ଦୋକାନ ଗୃହକୁ ପକ୍କା କରାଯାଇ ବିଦ୍ୟୁତ ସଂଯୋଗ କରାଯିବା ସହ ବ୍ୟବସାୟୀଙ୍କୁ ସୁବିଧା ପାଇଁ ଦୋକାନ ଗୃହରେ ସମସ୍ତ ଆନୁସଙ୍ଗିକ ସୁବିଧା ପ୍ରଦାନ କରାଯାଇଛି । କିନ୍ତୁ ଉଦ୍‌ଘାଟନ ପରଠାରୁ ଦୋକାନ ଗୃହରେ ତାଲା ଝୁଲି ରହିଥିବାରୁ ବହୁ ସ୍ଥାନୀୟ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୋକାନ ଘର ଖୋଲିବା ଦିଗରେ ପଞ୍ଚାୟତର କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ସେହିପରି ବଜାର ଗୃହ ପରିସରରେ ଆଲୋକୀକରଣର ବ୍ୟବସ୍ଥା ଥିବା ବେଳେ ତାହା ମଧ୍ୟ ଅଚଳ ହୋଇ ପଡ଼ି ରହିଛି । ଗୃହଗୁଡ଼ିକ ଅବ୍ୟବହୃତ ହୋଇ ରହିଥିବାରୁ ବଜାର ପରିସର ଘାସ ଓ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଛି । ଏପରିକି ବଜାର ପ୍ରବେଶ ଦ୍ୱାର ଦୀର୍ଘ ଦିନ ଧରି ନିର୍ମାଣଧୀନ ଅବସ୍ଥାରେ ରହିଛି । ବଜାର ଚତୁଃପାର୍ଶ୍ୱ ପାଚେରି ମଧ୍ୟ ଅଧ ନିର୍ମିତ ହୋଇ ରହିଛି । ୧୧ଟି ଦୋକାନ ଗୃହ ବ୍ୟବହାର ହେଉନଥିବାରୁ ଗୃହ ଗୁଡ଼ିକ ଶୋଚନୀୟ ଅବସ୍ଥାରେ ରହିଛି । ବଜାର ମଧ୍ୟରେ ଥିବା ମିଶନ ଶକ୍ତି କାଫେ ଗୃହ ମଧ୍ୟ ବନ୍ଦ ହୋଇ ରହିଛି । ବଜାର ଗୃହ ଗୁଡ଼ିକୁ ବ୍ୟବସାୟୀଙ୍କୁ ତୁରନ୍ତ ପ୍ରଦାନ ସହ ବଜାରର ଅଧପନ୍ତରିଆ କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି ହେଉଛି ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୧ ଅଗଷ୍ଟ ୨୦୨୬ ମଙ୍ଗଳବାର




# କୁଷ୍ଠ ମୁକ୍ତ ହେବ କେନ୍ଦୁଝର ଜିଲ୍ଲା:୩.୦୯ଲକ୍ଷ ଲୋକଙ୍କ ହେବ ସ୍କିନିଂ



**କେନ୍ଦୁଝର, ନ୍ୟୁଜ୍**

"କୁଷ୍ଠ ମୁକ୍ତ ଓଡ଼ିଶା" ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କେନ୍ଦୁଝର ଜିଲ୍ଲାର କୁଷ୍ଠ ରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଆସନ୍ତା ୧୭ ଅଗଷ୍ଟରୁ ୩୧ ଅଗଷ୍ଟ ତାରିଖ ଯାଏ ଚାଲିବ । ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୨ଟି ବ୍ଲକ (ସାହାରପଡା ଓ ପାଟଣା ବ୍ଲକ) ଗୋଟିଏ ସହରାଞ୍ଚଳ (ବଡ଼ବିଲ)ରେ ପାଖାପାଖି ୩ ଲକ୍ଷ ୯ ହଜାର ଲୋକଙ୍କ ଘରକୁ ଘର ଯାଇ ଲୋକଙ୍କ ଦେହରେ ଲକ୍ଷଣକୁ ଦେଖାଯିବ । ଏନେଇ ଗତ ୪ ତାରିଖ ଦିନ ମିନି କନ୍‌ଫରେନ୍ସ ହଲ୍ କଲେକ୍ଟରେଟ୍‌ରେ କଲେକ୍ଟରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମହୋଦୟ ମନ୍ଦରଧର ମହାଲିକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଧନେଶ୍ୱର ସେଠି, ଉପଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁରୁଷୋତ୍ତମ ମହାନ୍ତ, ଏଡିପିଏଚ୍‌ଓ (କୁଷ୍ଠ ରୋଗ) ଡଃ ବସନ୍ତ କୁମାର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବଡ଼ବିଲ୍ ଡଃ ସୌଭାଗ୍ୟ ରଞ୍ଜନ ସାମଲ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାହାରପଡା ଡଃ ମନୋରଞ୍ଜନ ଜେନା, ଡିପିଏମ୍ ଡଃ ନିତ୍ୟରଞ୍ଜନ ବରାଳ, ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡଃ ଶୋଭନକୁମାର ସାହୁ, ଏପିଡେମିଅଲଜିଷ୍ଟ ଡଃ ବିଷ୍ଣୁ ମାଝି, ଡିଆଇପିଆର୍‌ଓ ସାର୍ଥକ ରାୟ, ଡିପିଏଚ୍‌ସିଓ ଭରତ କୁମାର ସାହୁ, ପ୍ରୋଜେକ୍ଟ ଆସୋସିଏଟ୍ ଲେପ୍ରା ସୋସାଇଟି ରାଇରଙ୍ଗପୁର ପ୍ରହ୍ଲାଦ ମଙ୍ଗରାଜ ଏବଂ ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୧,୦୦ ଜଣ କୁଷ୍ଠ ରୋଗୀ ଚିହ୍ନଟ ହେଇଛନ୍ତି । ସେଥିରୁ ପ୍ରାୟ ୧୯୫୦ ଜଣ ଆରୋଗ୍ୟ ହୋଇଛନ୍ତି । ବଳକା ୧୫୦ ଜଣ ରୋଗୀ ଔଷଧ ସେବନ କରୁଛନ୍ତି । ଏହି ଅଭିଯାନ ସଫଳ କରିବା ପାଇଁ ୩୧୦ ଜଣ ଆଶାକର୍ମୀ, ୫୫ ଜଣ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସହ ସ୍ୱାସ୍ଥ୍ୟ ପରିଦର୍ଶକ, ୧୨ ଜଣ ଏମ୍‌ବିବିଏସ୍ ଏବଂ ୮ ଜଣ ଆୟୁସ୍ ଡାକ୍ତର ନିୟୋଜିତ କରାଯାଇଛି । ସମସ୍ତଙ୍କୁ କୁଷ୍ଠ ରୋଗ ଚିହ୍ନଟ ଓ ପରିଚାଳନା ସମ୍ପର୍କରେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ମହୋଦୟଙ୍କର ଅନୁରୋଧକ୍ରମେ ଲେପ୍ରା ସୋସାଇଟି ରାଇରାଙ୍ଗପୁର ତରଫରୁ ସ୍ୱତନ୍ତ୍ର ଶିକ୍ଷା ସ୍ୱାସ୍ଥ୍ୟ ସଞ୍ଚାର ପ୍ରଦର୍ଶନୀ ଗାଡି ମାଧ୍ୟମରେ ପାଟଣା ଏବଂ ସାହାରପଡା ବ୍ଲକରେ ସଚେତନତା କାର୍ଯ୍ୟକ୍ରମ କରାଯିବ ଏବଂ ବଡ଼ବିଲ୍‌ରେ ଶାମ୍ବ ରଥ ମାଧ୍ୟମରେ ସଚେତନତା କରିବା ପାଇଁ ନିଷ୍ପତି ନିଆଯାଇଛି ।

# କାଞ୍ଜିଆପାଳ ଗାଁ ପାଇଁ ଦୁଃଖର କାରଣ ସାଜିଛି ଗେଙ୍ଗୁଟି ନଦୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଗାଁ ପାଇଁ ଦୁଃଖର କାରଣ ସାଜିଛି ଗେଙ୍ଗୁଟି ନଦୀର ତିନି ଏସ୍‌କେପ୍ । ଗାଁର ପଶ୍ଚିମରେ ଥିବା ପାହାଡ଼ପୁର ଗାଇଛନ୍ଦା ଏସ୍‌କେପ୍, ମହାପୁରୁଷ ଆଶ୍ରମ ନିକଟ ମଠ ମାହାରା ଓ ଗାଁର ପୂର୍ବ ଉତ୍ତରକୁ ଥିବା କନକେଇ ଏସ୍‌କେପ୍ । ବନ୍ୟା ଆସିଲେ ବୈତରଣୀର ଶାଖା ନଦୀ ଗେଙ୍ଗୁଟିର ପାଣି ଏହି ତିନି ଏସ୍‌କେପ୍ ବାଟେ ଗାଁ ଭିତରକୁ ପଶିଥାଏ । ଫଳରେ ଗାଁରୁ ଖଡ଼ିପଦାକୁ ସଂଯୋଗ କରୁଥିବା ରାସ୍ତା ବୁଡ଼ିଯାଏ । ଠିକ୍ ସେମିତି ଗାଇଛନ୍ଦା ଏସ୍‌କେପ୍ ପାଣିରେ ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ । ଏଣୁ ଗାଁରେ ରହୁଥିବା ୨୦୦ରୁ ଅଧିକ ପରିବାରର ୧୦୦୦ରୁ ଅଧିକ ଲୋକ ଜଳବନ୍ଦୀ ହୋଇ ରହନ୍ତି । ବଢ଼ି ପାଣି ନଛାଡ଼ିଲା ଯାଏ ଗାଁ ଭିତରେ ରହିବାକୁ ବାଧ୍ୟ ହୁଅନ୍ତି । ଏମିତିକି କେହି କେହି ନିଜ ଘରୁ ପଡ଼ିଶା ଘରକୁ ବି ଯାଇପାରନ୍ତିନାହିଁ । ସ୍ୱାଧିନତା ପରଠାରୁ ଏ ଅବସ୍ଥା ଲାଗି ରହିଛି । ବର୍ଷା ଦିନେ ପାଣି ଆସିଲେ ଘର ଭିତରେ ଜାକିଜୁକି ହୋଇ ରହିବାକୁ ପଡ଼ିଥାଏ । ଆଉ ବନ୍ୟା ଚିର ସହଚର ହୋଇଥିବାରୁ ଲୋକେ ଘର କରିବାବେଳେ ପାଖରୁ ମାଟି ଖୋଳି ଡିଅ ଉପରେ ଘର କରିଥାନ୍ତି । ଏଣୁ ବନ୍ୟା ଆସିଗଲେ, ଆଉ ଜଣଙ୍କ ଘରକୁ ଯିବା କଷ୍ଟ ହୋଇପଡ଼େ । ମୋବାଇଲ୍ ନଥିବା ଯୁଗରେ ବନ୍ୟା ବେଳେ ଗାଁ ଲୋକଙ୍କ ଅବସ୍ଥା କହିଲେ ନସରେ । ଏବେ ମୋବାଇଲ୍ ଫୋନ୍ ଆସିବା ପରେ ବାହାରକୁ ସିନା ଯାଇ ପାରୁନାହାନ୍ତି । ହେଲେ ଦୁନିଆ ସହ ସମ୍ପର୍କ ରଖିପାରୁଛନ୍ତି । ଅସୁବିଧା ସେତେବେଳେ ହୁଏ, ଯେତେବେଳେ ବନ୍ୟା ସମୟରେ ଗାଁର କେହି ଅସୁସ୍ଥ ହୁଅନ୍ତି । ଡାକ୍ତରଖାନାକୁ ନେବା ଲାଗି କୌଣସି ସାଧନ ରହିନଥାଏ । ଫୋନ୍ ଯୋଗେ ଓଡ୍ରାଫ୍ ହେଉ କି ଅଗ୍ନିଶମ ବିଭାଗକୁ ଡାକିଲେ ସେମାନେ ଆସି ଉଦ୍ଧାର କରିଥାନ୍ତି । ଗାଁ ଲୋକଙ୍କ ସୁବିଧା ପାଇଁ ଦୀର୍ଘ ବର୍ଷ ହେଲା ପାହାଡ଼ପୁର ଗାଇଛନ୍ଦା ଏସ୍‌କେପ୍ ଉପରେ ପୋଲଟିଏ କରିବାକୁ ଦାବି ହେଉଛି । ପଞ୍ଚାୟତ ବା ମୁଖ୍ୟାଳୟକୁ ଯୋଗାଯୋଗ କରିବା ସବୁବେଳେ ସମ୍ଭବ ନୁହଁ । କାରଣ କାଞ୍ଜିଆପାଳରୁ ଖଡ଼ିପଦାକୁ ଯିବା ପାଇଁ ହେଲେ ଦୁଇଟି ଏସ୍‌କେପ୍‌ର ପାଣିକୁ ଅତିକ୍ରମ କରିବାକୁ ହେବ । ରାସ୍ତା ଉଚ୍ଚା କରିଦେଲେ ବନ୍ୟା ପାଣି ନିଷ୍କାସନ ହୋଇପାରିବନାହିଁ । ଆଉ ଉଚ୍ଚା ରାସ୍ତା ପାଇଁ ଅନାବଶ୍ୟକ ଭାବେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହେବ । କେବଳ ଗାଇଛନ୍ଦା ଉପରେ ପୋଲ ହୋଇଗଲେ ଗାଁ ଲୋକେ ପାହାଡ଼ପୁରରୁ ଭାୟା ଆନନ୍ଦପୁର ହୋଇ ଯାଜପୁର ମେଡିକାଲ୍‌କୁ ଯାଇପାରିବେ । ଛାତ୍ରଛାତ୍ରୀମାନେ ଯାଜପୁରର ରାମବାଗ ରିଜିଓନାଲ କଲେଜ, ରାମବାଗ ମହିଳା ମହାବିଦ୍ୟାଳୟ, ଯାଜପୁରର ବିରଜା ମହିଳା ମହାବିଦ୍ୟାଳୟ ଓ ନରସିଂହ ଚୌଧୁରୀ ମହାବିଦ୍ୟାଳୟକୁ ପଢ଼ିବାକୁ ଯାଇପାରିବେ । ସ୍ୱାସ୍ଥ୍ୟସେବା ପାଇପାରିବେ । ମିଳିଥିବା ସୂଚନା ଅନୁସାରେ, ଗାଇଛନ୍ଦା ଉପରେ ପୋଲ କରିବା ଲାଗି ସ୍ଥାନୀୟ ଲୋକେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଦାବି କରିଆସିଥିଲେ । ଏହାପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଳ ସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ କରାଯାଇଛି । ଖୁବ୍‌ଶୀଘ୍ର ପୋଲ ନିର୍ମାଣ ହେବ ବୋଲି ଆଶା କରାଯାଉଛି ।



# ଜେଇ ଓ ନିଟ୍ ପରୀକ୍ଷାରେ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀ ମାନଙ୍କ ଉଚ୍ଚ ଶିକ୍ଷା ଓ ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତା ମୂଳକ ତଥା ନିଯୁକ୍ତି ପରୀକ୍ଷାରେ ସଫଳତା ପାଇଁ ସେମାନଙ୍କୁ ଉତ୍ସାହିତ ଓ ମାର୍ଗଦର୍ଶନ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କ୍ଲାସ୍ ନେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଶିକ୍ଷା, କ୍ୟାରିୟର୍ ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତ ବିନିମୟ କରିଥିଲେ । ନିୟମିତ ଅଧ୍ୟୟନ, ସମୟର ସୁପରିଚାଳନା,



ଆତ୍ମବିଶ୍ୱାସ ଓ ନିରନ୍ତର ଅଭ୍ୟାସ ମାଧ୍ୟମରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିପରି ସଫଳତା ହାସଲ କରାଯାଇପାରିବ, ସେନେଇ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ବିଶେଷକରି ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗପକ୍ଷରୁ JEE – NEET ପାଇଁ ଅନ୍‌ଲାଇନ୍ କୋଚିଂ ସୁବିଧା ସମ୍ପର୍କରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏଥିସହିତ Academic Support Programme ମାଧ୍ୟମରେ General Knowledge, English, Mathematics – Reasoning ଭଳି ବିଷୟରେ ମିଳୁଥିବା ପ୍ରଶିକ୍ଷଣର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ JEE – NEET ଭଳି ପ୍ରବେଶିକା ପରୀକ୍ଷା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ଓ ନିଯୁକ୍ତି ପରୀକ୍ଷା ପାଇଁ ମଧ୍ୟ ଉତ୍ତମ ଭାବେ ପ୍ରସ୍ତୁତ ହେବାରେ ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଛାତ୍ରଛାତ୍ରୀମାନେ ଏହି ସୁଯୋଗର ସଠିକ୍ ଉପଯୋଗ କରି ନିଜର ଦକ୍ଷତା ବିକାଶ ସହ ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ +୨ ଛାତ୍ରଛାତ୍ରୀ ନିଜ ନିଜ ଶିକ୍ଷାନୁଷ୍ଠାନର ଅଧକ୍ଷ/ମୁଖ୍ୟଙ୍କ ସହ ଯୋଗାଯୋଗ କରି JEE & NEET ଅନ୍‌ଲାଇନ୍ କୋଚିଂ ଏବଂ Academic Support Programmeର ସୁଯୋଗ ନେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ୩୮୦ ଏଲ୍‌ଟି ପଦବୀକୁ ରାଜ୍ୟ ସରକାରଙ୍କ ଅନୁମୋଦନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ଅଡ଼ିଟୋରିଅମ୍‌ରେ ଡିଏମ୍‌ଏଲ୍‌ଟି ଓ ଡିଏମ୍‌ଆର୍‌ଟି ଛାତ୍ର ସଂସଦ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ । ରାଜ୍ୟ ସରକାର ୩୮୦ଟି ଏଲ୍‌ଟି (ଲାବୋରେଟୋରୀ ଟେକ୍ନିସିଆନ୍) ପଦବୀକୁ ଅନୁମୋଦନ କରିଛନ୍ତି । ଖୁବ୍‌ଶୀଘ୍ର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ । ଏହାଦ୍ୱାରା ଲାବୋରେଟୋରୀ ଟେକ୍ନିସିଆନ୍ ନିଯୁକ୍ତି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ । ସେହିପରି ଏମ୍‌କେସିଜି ମେଡ଼ିକାଲ୍‌ରେ ଡିଏମ୍‌ଏଲ୍‌ଟି ଓ ଡିଏମ୍‌ଆର୍‌ଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ୍ ନଥିବା ବେଳେ ମେଡ଼ିକାଲ୍‌ରେ ହଷ୍ଟେଲ୍ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ରୋଗୀଙ୍କ ଚିକିତ୍ସା ଓ ରୋଗ ନିରୂପଣ କ୍ଷେତ୍ରରେ ଡିଏମ୍‌ଏଲ୍‌ଟି ଓ ଡିଏମ୍‌ଆର୍‌ଟି ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମନ୍ତ୍ରୀ ଆଲୋକପାତ କରିଥିଲେ । ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଲାବୋରେଟୋରୀ ପରୀକ୍ଷା ଓ ରେଡ଼ିଓଲୋଜିକାଲ୍ ନିରୂପଣର ଗୁରୁତ୍ୱ ଉପରେ ମଧ୍ୟ ସେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଡିଏମ୍‌ଇଟି ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ, ଏମ୍‌କେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ହରିକ୍ରୀଷ୍ଣା ଦଳେଇ, ପାଥୋଲୋଜି ବିଭାଗର ପ୍ରଫେସର ଡ. ଅନିତା ଚୌଧୁରୀ, ରେଡ଼ିଓଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡା. ଏମ୍‌ଭିକେ ରାଓ ଏବଂ ଡା. ଲିପିକା ବେହେରା ଉପସ୍ଥିତଥିଲେ । ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ସଂସଦର ସଭାପତି ଚନ୍ଦ୍ରଶେଖର ପଡ଼ିଆରି, ସମ୍ପାଦକ ସୁନୀଲ୍ କୁମକାର ବାରିକ, ପୂର୍ବତନ ସଭାପତି ପରମାନନ୍ଦ ଦଳେଇ ଓ ବିଷ୍ଣୁ ପ୍ରସାଦ ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତଥିଲେ ।

# ଗଞ୍ଜେଇ ଚୋରା କାରବାର:ଯୁବକ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜେଇ କାରବାର ସମ୍ପର୍କିତ ଏକ ମାମଲାରେ ଛତିଶଗଡ଼ ପୋଲିସ ବୌଦ୍ଧ ଜିଲ୍ଲାରେ ପହଞ୍ଚି ଜଣେ ଯୁବକଙ୍କୁ ଗିରଫ କରି ନେଇଥିବା ଜଣାପଡ଼ିଛି । ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଥାନା ଅଧୀନ ମୁଣ୍ଡିପଦର ଗ୍ରାମରେ ଛତିଶଗଡ଼ ତାମନାର ଥାନା ପୋଲିସ ଚଢ଼ଉ କରି ଶଙ୍କର ମେହେର ନାମକ ଜଣେ ଯୁବକଙ୍କୁ କାବୁ କରିଥିଲା । ପରେ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯାଇ ତାଙ୍କୁ ଛତିଶଗଡ଼ ନେଇଯାଇଥିବା ସୂଚନା ମିଳିଛି । ବାଉଁଶୁଣୀ ଥାନା ପକ୍ଷରୁ ପ୍ରାପ୍ତ ସୂଚନା ମୁତାବକ, ମୁଣ୍ଡିପଦର ଗ୍ରାମର ଶଙ୍କର ମେହେରଙ୍କ ନାମରେ ଛତିଶଗଡ଼ର ତାମନାର ଥାନାରେ ଏନ୍‌ଡିପିଏସ୍ ଆକ୍ଟ ଅଧୀନରେ କେସ୍ ନଂ-୭୮/୨୬ ରୁଜୁ ହୋଇଥିଲା । ଗଞ୍ଜେଇ କାରବାର ସମ୍ପର୍କିତ ଏହି ମାମଲାରେ ଶଙ୍କର ମେହେରଙ୍କ ସମ୍ପୃକ୍ତି ନେଇ ତାମନାର ପୋଲିସ ତଦନ୍ତ ଚଳାଇଥିଲା । ତଦନ୍ତ ପ୍ରକ୍ରିୟାରେ ଅଭିଯୁକ୍ତଙ୍କ ଠିକଣା ବୌଦ୍ଧ ଜିଲ୍ଲାର ବାଉଁଶୁଣୀ ଥାନା ଅଞ୍ଚଳର ମୁଣ୍ଡିପଦର ଗ୍ରାମ ବୋଲି ଜଣାପଡ଼ିବା ପରେ ତାକୁ ଧରିବା ପାଇଁ ଛତିଶଗଡ଼ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା ।

# ଜଳାଶୟରେ ବୁଡ଼ି ଭିନ୍ନକ୍ଷମ ଛାତ୍ରଙ୍କ ମୃତ୍ୟୁ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଭିନ୍ନକ୍ଷମ ବିଦ୍ୟାଳୟରେ ଘଟିଛି ଅଘଟଣ । ପାଣିରେ ବୁଡ଼ି ଜଣେ ନାବାଳକ ଛାତ୍ରର ମୃତ୍ୟୁ ଘଟିଛି । ଛାତ୍ରଜଣକ ହେଲେ ଅରକ୍ଷିତ କ୍ଷେତି (୭ ବର୍ଷ) । ସନ୍ଧ୍ୟା ସମୟରେ ଛାତ୍ରମାନେ ବିଦ୍ୟାଳୟ ପରିସରରେ ଥିବା ଏକ ଛୋଟ ଜଳାଶୟକୁ ଗୋଡ଼ ଧୋଇବା ପାଇଁ ଯାଇଥିବାବେଳେ ସେଠାରେ ଅରକ୍ଷିତଙ୍କ ଗୋଡ଼ ଖସିଯାଇଥିଲା, ଯାହାଫଳରେ କି ସେ ବୁଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ବିଦ୍ୟାଳୟ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ଅରକ୍ଷିତଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଛାତ୍ର ଜଣକ ମାନସିକ ଅନଗ୍ରସର ଥିବା ସୂଚନା ମିଳିଛି । ପୋଲିସ ଶବ ଜବତ କରି ଅଧିକ ତଦନ୍ତ ଜାରି ରଖିଛି । ରବିବାର ପୂର୍ବାହ୍ନ ୧୨ଟାରେ ସୋନପୁର ମେଡିକାଲ୍‌ରେ ମୃତ ଅରକ୍ଷିତଙ୍କ ଶବ ବ୍ୟବଚ୍ଛେଦ ହେବ ବୋଲି ସ୍କୁଲ୍ ପକ୍ଷରୁ ସୂଚନା ମିଳିଛି । ଅରକ୍ଷିତଙ୍କ ମୃତ୍ୟୁ ଖବରରେ ବାପା ରୋହିତ, ମାଆ ଓ ବଡ଼ ଭାଇ ଭଉଣୀ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଅରକ୍ଷିତଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭୟ ପ୍ରଶାସନକୁ ବୌଦ୍ଧ ଜିଲ୍ଲା ସାନ ଡୁଙ୍ଗୁରିପାଲି ଗାଁ ଲୋକେ ଓ ସୋନପୁର ବୁଦ୍ଧିଜୀବି ଦାବି କରିଛନ୍ତି ।

# ବୌଦ୍ଧ ଜିଲ୍ଲାର ବିକାଶ କାର୍ଯ୍ୟ ଅନୁଧ୍ୟାନ କଲେ ସଚିବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ସଚିବ ବି. ପରମେଶ୍ୱରନ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସହ ବିଭିନ୍ନ ପଞ୍ଚାୟତ, ଉନ୍ନୟନମୂଳକ ପ୍ରକଳ୍ପ, ଜୀବିକା ଭିତ୍ତିକ କାର୍ଯ୍ୟକ୍ରମ ଓ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ଅନୁଧ୍ୟାନ କରିଥିଲେ । ମଥୁରା, ବାମଣ୍ଡା ଓ ଲକ୍ଷ୍ମୀପ୍ରସାଦ ଗ୍ରାମପଞ୍ଚାୟତ ପରିଦର୍ଶନ କରି ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରି ଖାଉଟିମାନଙ୍କ ସହ ଆଲୋଚନା କରିଥିଲେ । ହିତାଧିକାରୀମାନେ ନିୟମିତ ଭାବେ ଠିକ୍ ପରିମାଣରେ ଖାଉଟି ସାମଗ୍ରୀ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ସେ ବିଭିନ୍ନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ବଣ୍ଟନ କରିଥିଲେ । ସେହିପରି ସୁଭଦ୍ରା ଯୋଜନାର ହିତାଧିକାରୀ ମା' ଓ ଭଉଣୀମାନଙ୍କ ସହ ଆଲୋଚନା କରି ଯୋଜନାରୁ ପାଉଥିବା ଅର୍ଥ ସେମାନଙ୍କ ଜୀବନରେ କିପରି ପରିବର୍ତ୍ତନ ଆଣିଛି ଏବଂ ଏହି ଅର୍ଥକୁ ସେମାନେ କେଉଁ କାର୍ଯ୍ୟରେ ବ୍ୟବହାର କରୁଛନ୍ତି, ସେ ସମ୍ପର୍କରେ ପଚାରି ବୁଝିଥିଲେ । ଗସ୍ତର ଆରମ୍ଭରେ ସଚିବ ସରସରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଘାରପାଲି ଗ୍ରାମର ଚାଷୀ ହଳଧର ବିଶିଙ୍କ ଛତୁ



ଚାଷ ଓ ପିଜୁଳି ବଗିଚା ପରିଦର୍ଶନ କରି ତାଙ୍କ ଜୀବିକା ଓ ଆୟ ସମ୍ପର୍କରେ ଆଲୋଚନା କରିଥିଲେ । କୃଷି ଓ ଉଦ୍ୟାନ କୃଷି ମାଧ୍ୟମରେ ଚାଷୀମାନଙ୍କ ଆୟବୃଦ୍ଧି ପାଇଁ ଚାଲିଥିବା ପ୍ରୟାସ ସମ୍ପର୍କରେ ସେ ଅବଗତ ହୋଇଥିଲେ । ବାମଣ୍ଡା ଗ୍ରାମର ଗୋପାଳକ ଚାଷୀ ବିତିସ୍ମିତ ମହାକୁରଙ୍କ ଗାଈ ଫାର୍ମ ବୁଲି ଦେଖିଥିଲେ । ଏହାପରେ ବୃନ୍ଦାବନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ । ବୀରନରସିଂହପୁର ଠାରେ ବନ ବିଭାଗ ଦ୍ୱାରା ନିର୍ମିତ ନର୍ସରୀ ଓ ଜିଆଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ । ଜିଆଖତ ପ୍ରସ୍ତୁତି କେନ୍ଦ୍ର ପରିଚାଳନା କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ସହ ଆଲୋଚନା କରି ସେମାନଙ୍କ ଉତ୍ପାଦନ, ବିକ୍ରୟ, ଆୟ ଓ ବ୍ୟୟ ସମ୍ପର୍କରେ ଜାଣିଥିଲେ । ଏଠାରେ ମଧ୍ୟ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ସହିତ ବନ ସୁରକ୍ଷା ସମିତି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ । ସଚିବ ନାରାୟଣନଗର ସ୍ଥିତ ମା' ତାରିଣୀ ଓ ମା' ଲକ୍ଷ୍ମୀ ପ୍ରଡ୍ୟୁସର୍ ଗ୍ରୁପ୍ ଦ୍ୱାରା ପରିଚାଳିତ ବୟନ କେନ୍ଦ୍ର ପରିଦର୍ଶନ କରିଥିଲେ । ସେ ବୁଣାକାରମାନଙ୍କ ଘରକୁ ଯାଇ ସେମାନଙ୍କ ବୁଣାକାର୍ଯ୍ୟ, ସୂତା ସଂଗ୍ରହ, ପାଟ ଶାଢ଼ୀ ପ୍ରସ୍ତୁତି ଏବଂ ତନ୍ତ ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ । ବୁଣାକାରମାନେ ବର୍ତ୍ତମାନ ମଧ୍ୟସ୍ଥିଙ୍କ ସହାୟତା ବିନା ନିଜେ ନିଜ ଉତ୍ପାଦକୁ ବଜାରରେ ବିକ୍ରୟ କରି ଅଧିକ ଲାଭ ପାଇପାରୁଥିବା ସଚିବଙ୍କୁ ଜଣାଇଥିଲେ । ଏହି ଅବସରରେ ଗ୍ରାମବାସୀମାନେ ପାନୀୟଜଳ ସମସ୍ୟା ସମ୍ପର୍କରେ ମଧ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜଗତି ଗ୍ରାମରେ ମହାନଦୀ କୂଳରେ ନିର୍ମିତ ଇଣ୍ଟେକ୍ ୱେଲ୍ ପରିଦର୍ଶନ କରି ସଚିବ ସେଠାରୁ ବିଭିନ୍ନ ଗ୍ରାମକୁ ହେଉଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଏହି ସମୟରେ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଓ ଏଲ୍ଆଣ୍ଡଟି କମ୍ପାନୀର ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରି 'ହର ଘର ଜଳ' ଯୋଜନା ଅଧୀନରେ ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ଘରକୁ ନିରବଚ୍ଛିନ୍ନ ଭାବେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସୁବର୍ଣ୍ଣପୁର ଗ୍ରାମରେ ନିର୍ମିତ ୱାଟର୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମଧ୍ୟ ସଚିବ ପରିଦର୍ଶନ କରିଥିଲେ । ପ୍ଲାଣ୍ଟର ବିଭିନ୍ନ ୟୁନିଟ୍ ବୁଲି ଦେଖିବା ସହ ଏହାର କାର୍ଯ୍ୟକ୍ଷମତା, ଜଳ ବିଶୋଧନ ପ୍ରକ୍ରିୟା ଏବଂ କେତେ ଗ୍ରାମର ଲୋକ ଏହା ମାଧ୍ୟମରେ ପାନୀୟ ଜଳ ସୁବିଧା ପାଉଛନ୍ତି, ସେ ସମ୍ପର୍କରେ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଥିଲେ । ଅପରାହ୍ନରେ ସଚିବ ବଡବନ୍ଧ ଆଦିବାସୀ ବାଳିକା ହଷ୍ଟେଲ, ହରେକୃଷ୍ଣପୁର ବିଦ୍ୟାଳୟ ଓ ହଷ୍ଟେଲ ପରିଦର୍ଶନ କରିଥିଲେ । ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ବିଡିଓ କର୍ଣ୍ଣସୁନା, ଯୁଗଳ କିଶୋର ବିଶ୍ୱାଳ, ଡେପୁଟି କଲେକ୍ଟର ରଶ୍ମିରେଖା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଜବତ ମଦ ଓ କାର୍ ଛଡାଇ ନେଲେ ବେପାରୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଅଞ୍ଚଳରେ ପଥରବାଲି ମାଫିଆ ଓ ଚୋରା ମଦ ବେପାରୀଙ୍କ ପାର୍ଦ୍ଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ଯେ ସେମାନଙ୍କର ପୋଲିସ ପ୍ରତି ଡରଭୟ ନାହିଁ । ପୂର୍ବରୁ ଧର୍ମଶାଳା ଥାନା ଭିତରୁ ବାଲିମାଫିଆ ଜବତ ଟ୍ରାକ୍ଟର ଓ ଆସାମୀକୁ ଛଡାଇ ନେଇଥିବା ବେଳେ ଧର୍ମଶାଳା ଅବକାରୀ ବିଭାଗ କର୍ମଚାରୀମାନେ ଜବତ କରି ଆଣୁଥିବା କାରଭର୍ତ୍ତି ମଦକୁ ଆସାମୀମାନେ ନାକପୋଲ ନିକଟରୁ ଛଡାଇ ନେଇଛନ୍ତି । ସୂଚନା ଅନୁଯାୟୀ ରବିବାର ୫୩ ନଂ ଜାତୀୟ ରାଜପଥର ଓସାର ଛକ ନିକଟରେ ଧର୍ମଶାଳା ଅବକାରୀ ଟିମ୍ ଏକ ଚୋରାମଦ ସହ କାର୍‌କୁ ଜବତକରି ଜାରକା ଅବକାରୀ ଅଫିସକୁ ଆଣୁଥିବା ବେଳେ ମଦ ବେପାରୀମାନେ ପଛରୁ ଆସି ଆକ୍ରମଣ କରିଥିଲେ । ସେମାନେ ମଦ ସହ କାର୍‌କୁ ଛଡାଇ ନେଇଛନ୍ତି । ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ପରେ ଧର୍ମଶାଳା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଦାବି ପୂରଣ ନହେବାରୁ ସମବାୟ ସମିତି ସମ୍ପାଦକ ସଂଘର ପ୍ରଶିକ୍ଷଣ ବର୍ଜନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୨୧ଟି କୃଷି ସମବାୟ ସମିତିର ସମ୍ପାଦକମାନେ ସେମାନଙ୍କର ନାର୍ଯ୍ୟ ଦାବି ପୁରଣ ନହେବାରୁ ଧାନ ପଞ୍ଜିକରଣ ପାଇଁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା କୃଷି ସମବାୟ ସମିତି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବିଗୁଡିକୁ ପୁରଣ ନକରାଗଲେ ସେମାନେ ଧାନ ପଞ୍ଜିକରଣରେ ସହଯୋଗ କରିବେନାହିଁ ବୋଲି ଜଣାଇଥିଲେ । ଦାବି ଗୁଡିକ ମଧ୍ୟରୁ ଚାଷୀ ପଞ୍ଜିକରଣ ଓ ପଞ୍ଜିକରଣ ବୈଧତା ଯାଞ୍ଚ ଦାୟିତ୍ୱ ରାଜସ୍ୱ ବିଭାଗ ଉପରେ ପ୍ରଦାନ କରାଯାଉ । ଧାନ କିଣିବା ପାଇଁ ଜିଲ୍ଲା ବାହାରର ମିଲରଙ୍କୁ ସଂଯୋଗ କରାଯାଉ । ଟୋକନ୍‌ର ପରିମାଣ ଅନୁସାରେ ଟାର୍ଗେଟ୍ ପ୍ରଦାନ କରାଯାଉ । କଟ୍‌ନି ଛଟ୍‌ନି ସମ୍ପର୍କରେ ସ୍ପଷ୍ଟ ଆଦେଶ ମଣ୍ଡିମାନଙ୍କୁ ଦିଆଯାଉ । ଧାନ କିଣାରେ ଚାଷୀମାନଙ୍କୁ ଦିଆଯାଉଥିବା ଅଖା ଦାୟିତ୍ୱ ସମିତି ମାନଙ୍କୁ ପ୍ରଦାନ କରାଯାଉ । ମଣ୍ଡିର ଶ୍ରମିକ ମଜୁରୀ ଓ ସମିତି କମିଶନ ପ୍ରାପ୍ୟ ସମିତି ଗୁଡିକୁ ସେହି ବର୍ଷର ମାର୍ଚ୍ଚ ମାସ ସୁଦ୍ଧା ପ୍ରଦାନ କରାଯାଉ । ମଣ୍ଡିର ତଦାରଖ ନାଁରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କର ଦୌରାତ୍ମ୍ୟକୁ ବନ୍ଦ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରଦାନ କରାଯାଉ । ଧାନକିଣା ସମୟରେ ବିଭିନ୍ନ ଆଳ ଦେଖାଇ ସମ୍ପାଦକ ମାନଙ୍କ ଉପରେ ଆକ୍ରୋଷ ମୂଳକ ଭାବରେ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରାଯାଉ । ଏହି ୮ ଦଫା ସମସ୍ୟା ଗୁଡିକୁ ତୁରନ୍ତ ଆଲୋଚନା ମାଧ୍ୟମରେ ସମାଧାନ କରାନଗଲେ ଚଳିତ ମାସ ୨୦୨୬ ଖରିଫ ଧାନ କିଣା କାର୍ଯ୍ୟକୁ ସଂଘ ବାଧ୍ୟ ହୋଇ ଅବ୍ୟହିତ ନେବେ ବୋଲି ଜଣାଇଛନ୍ତି । ଏହି ଦାବିଗୁଡିକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶାସନ ସଚିବ ସମବାୟ, ମନ୍ତ୍ରୀ ସମବାୟ, ଖାଦ୍ୟ ଯୋଗାଣ ବିଭାଗ ସଚିବ, ନିବନ୍ଧକ ସମବାୟ ସମିତି ଓଡ଼ିଶା, ନିର୍ଦ୍ଦେଶକ ଖାଦ୍ୟ ଯୋଗାଣ ନିଗମ, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ପ୍ରମୁଖଙ୍କୁ ଜଣାଇ ଦିଆଯାଇଛି । ତୁରନ୍ତ ଏହି ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ସଂଘ ପକ୍ଷରୁ ସଭାପତି ବୈରାଗି ଚରଣ ସାହୁ, ସମ୍ପାଦକ ଅସିତ୍ କୁମାର ବେହୁରିଆ ପ୍ରମୁଖ ଦାବି କରିଛନ୍ତି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୦୮।୨୦୨୬, ଶ୍ରାବଣ ଦ୨୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୨୭।୪୦ ଚନ୍ଦ୍ରୋଦୟ- ନିଘ ୪।୪୫।୫୩**

ଚତୁର୍ଦ୍ଦଶୀ ରାଘ ୧।୫୫ ପର୍ଯ୍ୟନ୍ତ, ପୁନର୍ବସୁ ନକ୍ଷତ୍ର ଦିଘ ୧୦।୧୧ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧।୫୫ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଦିଘ ୧୦।୩୮ ମଧ୍ୟେ ଦିଘ ୧୧।୧୦ ଗତେ ଦିଘ ୧।୨୯ ମଧ୍ୟେ । **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା ।



**ମେଷ:** ବ୍ୟବସାୟରୁ ଆଶାନୁରୂପକ ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ । ମନ ଆନନ୍ଦ ରହିବ ।



**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ନୂତନ ବନ୍ଧୁ ଦର୍ଶନର ସୁଯୋଗ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଧନ ଲାଭ ହେବ । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ପରୋପକାରୀ ହେବେ ।



**କର୍କଟ:** ଆୟ ଠାରୁ ବ୍ୟୟର ପରିମାଣ ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ସଫଳତା ସହ ଶୁଭ ଖବର ପ୍ରାପ୍ତ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବାର ସୂଚନା ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା । ଦେହ ଓ ମନ ଭଲ ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଶରୀର ସୁସ୍ଥ ରହିବ । ଅନେକ ଦିନର ଆଶା ପୂରଣ ହେବ । ଗୃହେ ସୁଖ ଶାନ୍ତି ଲାଭ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ମହିଳାମାନେ ସୁଖୀ ହେବେ ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଶତ୍ରୁ ନାଶ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଆୟର ପରିମାଣ ବଢ଼ିବ । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବାର ସୂଚନା ।



**ବିଛା:** ଦୂରକୁ ଯାତ୍ରା କରି କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**ଧନୁ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ହଠାତ୍ ଶୁଭ ଖବର ପାଇପାରନ୍ତି । ଧର୍ମ କାର୍ଯ୍ୟ କରିପାରନ୍ତି ।



**ମକର:** ଚାକିରୀ କ୍ଷେତ୍ରରେ ଭୁଲ୍ ବୁଝାମଣା ହୋଇପାରେ । ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ଖର୍ଚ୍ଚ ବଢ଼ିବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।



**କୁମ୍ଭ:** କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । କଚେରି ମାମଲାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ଭ୍ରମଣ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୨।୦୮।୨୦୨୬, ଶ୍ରାବଣ ଦ୨୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୨୭।୫୯ ଚନ୍ଦ୍ରୋଦୟ- ପ୍ରାଘ ୫।୦୩।୧୪**

ଅମାବାସ୍ୟା ରାଘ ୧୧।୦୮ ପର୍ଯ୍ୟନ୍ତ, ପୁଷ୍ୟା ନକ୍ଷତ୍ର ଦିଘ ୮।୦୩ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୧।୦୮ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଦିଘ ୭।୧୩ ମଧ୍ୟେ ଦିଘ ୧୦।୧୮ ଗତେ ଦିଘ ୧୧।୨୮ ମଧ୍ୟେ । **ପର୍ବୋତ୍ସବ-** ଚିତାଲାଗି ଅମାବାସ୍ୟା, ଗୃହୀଣାଂ ଚିତାଲାଗି ଅମାବାସ୍ୟା, ନଷ୍ଟ ଚନ୍ଦ୍ରୋପବାସ ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ଅଗଷ୍ଟ ୧୫ ପୂର୍ବରୁ ଆତଙ୍କୀ ଯୋଜନା ପଣ୍ଡ

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏକ ଆତଙ୍କବାଦୀ ଯୋଜନା ଚାଲିଥିଲା ଭାରତକୁ ପ୍ରଭୁତ କ୍ଷତି ପହଞ୍ଚାଇବା ପାଇଁ । ଏହି ଆତଙ୍କୀ ନେଟୱାର୍କକୁ ସୀମାପାରରୁ ଅର୍ଥାତ୍ ବିଦେଶରେ ବସିଥିବା ଆତଙ୍କୀ ହ୍ୟାଣ୍ଡଲରମାନେ ପରିଚାଳନା କରୁଥିଲେ । ଗିରଫ ଅଭିଯୁକ୍ତ ଜଣକ ବିଦେଶୀ ଆକାମାନଙ୍କ ନିର୍ଦ୍ଦେଶକ୍ରମେ ଜଲନ୍ଧରର ଆଦମପୁର ନିକଟସ୍ଥ ଏକ ଡେଡ୍ ଲେଟର ବକ୍ସ ଜରିଆରେ ଏହି ବିପୁଳ ପରିମାଣର ହ୍ୟାଣ୍ଡ ଗ୍ରେନେଡ୍‌ଗୁଡ଼ିକୁ ହାତେଇଥିଲା। ସ୍ୱାଧୀନତା ଦିବସ ଅର୍ଥାତ୍ ଅଗଷ୍ଟ ୧୫ ପୂର୍ବରୁ ଭାରତରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ଏବଂ ବିଦେଶରେ ଥିବା ଆତଙ୍କୀ ହ୍ୟାଣ୍ଡଲରମାନେ ଏକ ବିରାଟ ଷଡ଼ଯନ୍ତ୍ର ରଚିଥିଲେ। ପଞ୍ଜାବ ପୁଲିସ ଏବଂ କାଉଣ୍ଟର ଇଣ୍ଟେଲିଜେନ୍ସର ମିଳିତ କାର୍ଯ୍ୟାନୁଷ୍ଠାନରେ ଏହି ବଡ଼ଧରଣର ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି । ପଞ୍ଜାବ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ଜଲନ୍ଧର ଏବଂ ଏସ୍‌ବିଏସ୍ ନଗର ପୁଲିସର ମିଳିତ ଅପରେସନ୍‌ରେ ବବ୍‌ର ଖାଲସା ଇଣ୍ଟରନ୍ୟାସନାଲର ଏକ ଆତଙ୍କୀ ମୋଡ୍ୟୁଲ୍‌କୁ ଠାବ କରାଯାଇଛି। ଏହି ମାମଲାରେ ଜଣେ ମୁଖ୍ୟ ଅପରେଟିଭ୍ ବା ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୮୬-ପି ହ୍ୟାଣ୍ଡ ଗ୍ରେନେଡ୍ ଜବତ କରାଯାଇଛି । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଆତଙ୍କୀ ନେଟୱର୍କକୁ ସୀମାପାରରୁ ଅର୍ଥାତ୍ ବିଦେଶରେ ବସିଥିବା ଆତଙ୍କୀ ହ୍ୟାଣ୍ଡଲରମାନେ ପରିଚାଳନା କରୁଥିଲେ । ଗିରଫ ଅଭିଯୁକ୍ତ ଜଣକ ବିଦେଶୀ ଆକାମାନଙ୍କ ନିର୍ଦ୍ଦେଶକ୍ରମେ ଜଲନ୍ଧରର ଆଦମପୁର ନିକଟସ୍ଥ ଏକ ଡେଡ୍ ଲେଟର ବକ୍ସ ଜରିଆରେ ଏହି ବିପୁଳ ପରିମାଣର ହ୍ୟାଣ୍ଡ ଗ୍ରେନେଡ୍‌ଗୁଡ଼ିକୁ ହାତେଇଥିଲା । ଡେଡ୍ ଲେଟର ବକ୍ସ ହେଉଛି ଆତଙ୍କବାଦୀ ଏବଂ ଅପରାଧୀମାନଙ୍କ ଦ୍ୱାରା ବ୍ୟବହୃତ ଏକ ଗୁପ୍ତ ଯୋଗାଯୋଗ କୌଶଳ, ଯେଉଁଥିରେ ସାକ୍ଷାତ ନ ହୋଇ ବିସ୍ଫୋରକ ବା ଅର୍ଥ ଆଦାନପ୍ରଦାନ କରାଯାଇଥାଏ । ଏସବିଏସ୍ ନଗରର ସଦର ନୱାଂଶହର ଥାନାରେ ଭାରତୀୟ ନ୍ୟାୟ ସଂହିତା ଏବଂ ବିସ୍ଫୋରକ ପଦାର୍ଥ ଆଇନର ପ୍ରାସଙ୍ଗିକଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ପୁଲିସର କହିବାନୁସାରେ, ଏହି ମୋଡ୍ୟୁଲ୍ ପଛରେ ଆଉ କେଉଁ କେଉଁ ସ୍ଥାନୀୟ ସହାୟକ ଏବଂ ଅପରାଧୀ ସଂପୃକ୍ତ ଅଛନ୍ତି, ସେନେଇ ଫରୱାର୍ଡ ଏବଂ ବ୍ୟାକୱାର୍ଡ ଲିଙ୍କଗୁଡ଼ିକର ଯାଞ୍ଚ କରାଯାଉଛି । ଏହି ବିସ୍ଫୋରକଗୁଡ଼ିକ କେଉଁ ସ୍ଥାନରେ କିମ୍ବା କାହାକୁ ଟାର୍ଗେଟ୍ କରି ବ୍ୟବହାର ହେବାର ଥିଲା, ତାହା ପୁଲିସର ତଦନ୍ତ ପରେ ସ୍ପଷ୍ଟ ହେବ । ପଞ୍ଜାବରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ସୀମାପାର୍ ଆତଙ୍କୀ ନେଟୱର୍କ ବିରୁଦ୍ଧରେ ଏପରି ଅଭିଯାନ ଜାରି ରହିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ନିଶା ମୁକ୍ତ ଯୁବ ପାଇଁ ବିକଶିତ ଭାରତ ସଂକଳ୍ପ ଅଭିଯାନ : ଏକ ଯୁଗାନ୍ତକର ପଦକ୍ଷେପ ଓ ସମାଜ ଉପରେ ଏହାର ପ୍ରଭାବ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆଜିର ଭାରତୀୟ ସମାଜ ସମ୍ମୁଖରେ ରହିଥିବା ସବୁଠାରୁ ବଡ ଏବଂ ଗମ୍ଭୀର ଚ୍ୟାଲେଞ୍ଜଗୁଡିକ ମଧ୍ୟରୁ ଯୁବପିଢିଙ୍କ ମଧ୍ୟରେ କ୍ରମବର୍ଦ୍ଧମାନ ନିଶାଶକ୍ତି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି, ଯାହାକୁ ଦୃଷ୍ଟିରେ ରଖି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ 'ନିଶା ମୁକ୍ତ ଯୁବ ପାଇଁ ବିକଶିତ ଭାରତ ସଂକଳ୍ପ ଅଭିଯାନ'(Nisha Mukta Yuva for Viksit Bharat Sankalp Abhiyaan)ଆରମ୍ଭ କରାଯାଉଛି। ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଛନ୍ତି, ତାହା ଦେଶର ଭବିଷ୍ୟତକୁ ନେଇ ସମସ୍ତ ଚିନ୍ତାଶୀଳ ନାଗରିକଙ୍କୁ ସଚେତନ କରାଇବା ସହିତ ଏକ ମିଳିତ ଲଢେଇ ପାଇଁ ଆହ୍ୱାନ ଜଣାଇଛି। ଡକ୍ଟର ମାଣ୍ଡବୀୟଙ୍କ ସୂଚନା ଅନୁଯାୟୀ, ଦେଶର ଯୁବପିଢି କ୍ରମଶଃ ନିଶା ଆଡକୁ ଢଳୁଛନ୍ତି, ଯାହାକି କେବଳ ବ୍ୟକ୍ତିଗତ ବା ପାରିବାରିକ ସ୍ତରରେ ନୁହେଁ, ବରଂ ସମଗ୍ର ଜାତୀୟ ପ୍ରଗତି ଏବଂ ସୁରକ୍ଷା ପାଇଁ ଏକ ବଡ ବିପଦ ସୃଷ୍ଟି କରୁଛି। 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ସୁସ୍ଥ, ସବଳ ଏବଂ ନିଶାମୁକ୍ତ ଯୁବସମାଜର ଆବଶ୍ୟକତା ସବୁଠାରୁ ଅଧିକ ରହିଛି, କାରଣ ଯେକୌଣସି ଜାତିର ପ୍ରଗତି ଏହାର ନାଗରିକମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ। ଏହି ଐତିହାସିକ ଅଭିଯାନ ଜରିଆରେ କେବଳ ସରକାରୀ ସ୍ତରରେ ନୁହେଁ, ବରଂ ଆଧ୍ୟାତ୍ମିକ ସଂଗଠନ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ 'ମେରା ଯୁବ ଭାରତ'(MY Bharat)ର ଯୁବକସଂଘଗୁଡିକୁ ଗୋଟିଏ ସାଧାରଣ ପ୍ଲାଟଫର୍ମକୁ ଅଣାଯାଇ ଏକ ଜନ ଆନ୍ଦୋଳନର ରୂପ ଦିଆଯାଉଛି, ଯାହାଦ୍ୱାରା ଦେଶର ପ୍ରତ୍ୟେକ କୋଣରେ ନିଶା ବିରୋଧୀ ଚେତନା ଜାଗ୍ରତ ହୋଇପାରିବ। ଏକ ସୁସ୍ଥ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ରର ପ୍ରକୃତ ମୂଳଦୁଆ ଅଟେ ଏବଂ ଯେତେବେଳେ ଦେଶର ଯୁବଶକ୍ତି ନିଶାର କବଳରୁ ମୁକ୍ତ ହୋଇ ଦେଶ ଗଠନରେ ନିଜର ପୂର୍ଣ୍ଣ ଅବଦାନ ଦେବ, ସେତେବେଳେ ଭାରତକୁ ବିଶ୍ୱର ଏକ ପ୍ରମୁଖ ମହାଶକ୍ତି ଭାବେ ପରିଣତ କରିବା କୌଣସି ସ୍ୱପ୍ନ ରହିବ ନାହିଁ ବରଂ ଏହା ଏକ ଦୃଢ ବାସ୍ତବତାରେ ପରିଣତ ହେବ। ଏହି ବ୍ୟାପକ ଅଭିଯାନର ସଫଳତା ପାଇଁ ସାମାଜିକ ସଚେତନତା, ପରିବାରର ସକ୍ରିୟ ଭୂମିକା ଏବଂ ଶିକ୍ଷାନୁଷ୍ଠାନଗୁଡିକର ନୈତିକ ଦାୟିତ୍ୱ ଅତ୍ୟନ୍ତ ଜରୁରୀ ଅଟେ, ଯାହାଦ୍ୱାରା ଆମେ ଆମର ଯୁବପିଢୀଙ୍କୁ ଏହି ବିନାଶକାରୀ ପଥରୁ ଫେରାଇ ଆଣି ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଇପାରିବା।

ଜନସଂଖ୍ୟାଗତ ଲାଭାଂଶ (Demographic Dividend) ଏବଂ ଏହାର ସୁରକ୍ଷା : ଭାରତ ବିଶ୍ୱର ସବୁଠାରୁ ଯୁବଜନବହୁଳ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ, ଯାହାକୁ ଆମର ସବୁଠାରୁ ବଡ ଶକ୍ତି ବା ଡେମୋଗ୍ରାଫିକ୍ ଡିଭିଡେଣ୍ଡ କୁହାଯାଏ। କିନ୍ତୁ ଯୁବପିଢି ଯଦି ନିଶାର କବଳରେ ପଡନ୍ତି, ତେବେ ଏହି ବଳିଷ୍ଠ ଶକ୍ତି ଦୁର୍ବଳ ହୋଇଯିବ। ତେଣୁ, 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ 'ଯୁବବର୍ଗଙ୍କୁ ମାନସିକ ଓ ଶାରିରୀକ ଭାବରେ ସୁସ୍ଥ ରଖିବାକୁ ପଡିବ।

ସାମାଜିକ ଏବଂ ଆଧ୍ୟାତ୍ମିକ ଅଂଶଗ୍ରହଣ : ଏହି ଅଭିଯାନର ସବୁଠାରୁ ବଡ ବିଶେଷତା ହେଉଛି ଏହା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଏଥିରେ ଆଧ୍ୟାତ୍ମିକ ସଂଗଠନ, ଶିକ୍ଷାନୁଷ୍ଠାନ (କଲେଜ ଓ ବିଶ୍ୱବିଦ୍ୟାଳୟ) ଏବଂ 'ମେରା ଯୁବ ଭାରତ' (MY Bharat)ର ସ୍ୱେଚ୍ଛାସେବୀମାନଙ୍କୁ ଏକାଠି କରାଯାଇଛି। ଯେତେବେଳେ ଧର୍ମ, ଶିକ୍ଷା ଏବଂ ସମାଜର ପ୍ରତ୍ୟେକ ବର୍ଗ ମିଳିତ ଭାବେ ଏହା ବିରୁଦ୍ଧରେ ଲଢିବେ, ସେତେବେଳେ ଏହା ଏକ ପ୍ରକୃତ 'ଜନ ଆନ୍ଦୋଳନ'ର ରୂପ ନେବ।

ସ୍ୱାସ୍ଥ୍ୟ ହିଁ ସମୃଦ୍ଧତାର ଆଧାର : ଡକ୍ଟର ମାଣ୍ଡବୀୟଙ୍କ ଏହି ମହତ୍ୱପୂର୍ଣ୍ଣ ମନ୍ତବ୍ୟ ଯେ 'ଏକ ସୁସ୍ଥ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ ଅଟେ' ଆଜିର ସମୟରେ ଅଧିକ ପ୍ରାସଙ୍ଗିକ। ନିଶାଶକ୍ତି କେବଳ ଜଣେ ବ୍ୟକ୍ତିର ଆୟୁଷ ଏବଂ କର୍ମକ୍ଷମତାକୁ ନଷ୍ଟ କରେ ନାହିଁ, ବରଂ ପରିବାରଗୁଡିକୁ ଆର୍ଥିକ ଏବଂ ଭାବନାତ୍ମକ ଭାବରେ ଭାଙ୍ଗି ଦେଇଥାଏ।

ଭବିଷ୍ୟତର ରଣନୀତି : ଏହି ଅଭିଯାନ କେବଳ ନିଶା ନିବାରଣ କେନ୍ଦ୍ର ସ୍ଥାପନ ମଧ୍ୟରେ ସୀମିତ ନରହି, ଯୁବପିଢିଙ୍କୁ ସକାରାତ୍ମକ କାର୍ଯ୍ୟକଳାପ, କ୍ରୀଡା, କୌଶଳ ବିକାଶ ଏବଂ ସଚେତନତା ମାଧ୍ୟମରେ ସଠିକ୍ ମାର୍ଗ ପ୍ରଦର୍ଶନ କରିବାରେ ସଫଳ ହେବ, ଯାହା ଦ୍ୱାରା ଏକ ଅପରାଧମୁକ୍ତ ଏବଂ ଉତ୍ପାଦନଶୀଳ ସମାଜ ଗଠନ ହୋଇପାରିବ। ଯେତେବେଳେ ଦେଶର ଯୁବପିଢି ନିଶାର କବଳରେ ପଡି ନିଜର ଅମୂଲ୍ୟ ଜୀବନ ଏବଂ ଭବିଷ୍ୟତକୁ ନଷ୍ଟ କରୁଛନ୍ତି, ସେତେବେଳେ କେବଳ ସଚେତନତା ସହିତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ସମ୍ପୂର୍ଣ୍ଣ କଟକଣା ଜରୁରୀ ହୋଇପଡିଛି।

ସାମାଜିକ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ : ନିଶାସକ୍ତ ଅନେକ ସମୟରେ ଘରୋଇ ହିଂସା, ପାରିବାରିକ ଅଶାନ୍ତି ଏବଂ ବିଭିନ୍ନ ଜଘନ୍ୟ ଅପରାଧର ମୂଳ କାରଣ ହୋଇଥାଏ। ଯଦି ନିଶାଦ୍ରବ୍ୟର ଉତ୍ପାଦନ, ବିକ୍ରି ଏବଂ ସେବନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ କରାଯାଏ, ତେବେ ଅପରାଧ ପ୍ରବୃତ୍ତି ବହୁମାତ୍ରାରେ ହ୍ରାସ ପାଇବ।

ଯୁବପିଢିଙ୍କ ଉଜ୍ଜ୍ୱଳ ଭବିଷ୍ୟତ : ଦେଶର ଜନସଂଖ୍ୟାଗତ ଲାଭାଂଶକୁ ସୁରକ୍ଷିତ ରଖିବାକୁ ହେଲେ ଯୁବକଯୁବତୀମାନଙ୍କୁ ଏହି ବିନାଶକାରୀ ନିଶାରୁ ଦୂରେଇ ରଖିବା ଏକାନ୍ତ ଆବଶ୍ୟକ। ସମ୍ପୂର୍ଣ୍ଣ କଟକଣା ଦ୍ୱାରା ନୂତନ ପ୍ରଜନନ ଏହି କୁଫଳରୁ ମୁକ୍ତ ରହିପାରିବେ।

ଆଇନଗତ କଠୋରତା ଏବଂ ଜନଆନ୍ଦୋଳନ : କେବଳ ସରକାରୀ ଆଇନ ନୁହେଁ, ବରଂ 'ନିଶା ମୁକ୍ତ ଯୁବ ପାଇଁ ବିକଶିତ ଭାରତ ସଂକଳ୍ପ ଅଭିଯାନ' ଭଳି ପଦକ୍ଷେପକୁ ଆହୁରି କଡାକଡି କରାଯାଇ ସମାଜର ପ୍ରତ୍ୟେକ ସ୍ତରରେ ଏହାକୁ ଏକ ସାମାଜିକ ବାସନ୍ଦ ବା ପ୍ରତିବନ୍ଧକ ଭାବରେ ଗ୍ରହଣ କରିବାକୁ ପଡିବ।

ଏକ ସୁସ୍ଥ, ସବଳ ଏବଂ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ନିଶାମୁକ୍ତ ସମାଜ ନିର୍ମାଣ ଏବଂ ଏହାର କଠୋର ନିୟନ୍ତ୍ରଣ ହିଁ ଏକମାତ୍ର ସମାଧାନ । ଆଜିର ସମାଜରେ ନିଶାସକ୍ତ କେବଳ ଜଣେ ବ୍ୟକ୍ତିର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରୁନାହିଁ, ବରଂ ଏହା ହସଖୁସିର ଭରା ପରିବାର ଏବଂ ସମସ୍ତ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବେ ଛାରଖାର କରିଦେଉଛି। ଯେତେବେଳେ ଜଣେ ବ୍ୟକ୍ତି ନିଶାର କବଳରେ ପଡେ, ସେତେବେଳେ ସେ କେବଳ ନିଜେ ବରବାଦ ହୁଏ ନାହିଁ, ବରଂ ତାର ପରିବାର ମଧ୍ୟ ଏହି ମରଣାନ୍ତକ କୁଫଳର ଶିକାର ହୋଇ ଅରକ୍ଷ ହୋଇପଡେ।

ପାରିବାରିକ ଶାନ୍ତି ଓ ଆର୍ଥିକ ଧ୍ୱଂସ : ନିଶା ପାଇଁ ଅର୍ଥ ଅପବ୍ୟୟ ହେବା କାରଣରୁ ପରିବାରରେ କ୍ରମାଗତ ଅଭାବ, ଦାରିଦ୍ର୍ୟ, ଏବଂ ଆର୍ଥିକ ଅସ୍ଥିରତା ଦେଖାଦେଇଥାଏ। ଯେଉଁ ଟଙ୍କା ପରିବାରର ଭରଣପୋଷଣ, ପିଲାମାନେ ପାଠପଢା ଏବଂ ଭବିଷ୍ୟତ ପାଇଁ ଖର୍ଚ୍ଚ ହେବା କଥା, ତାହା ନିଶା ପଛରେ ଉଡିଯିବା ଯୋଗୁଁ ପରିବାରର ମେରୁଦଣ୍ଡ ଭାଙ୍ଗିଯାଏ।

ବିଶ୍ୱାସ ଏବଂ ଭାବନାତ୍ମକ ସମ୍ପର୍କର ଅନ୍ତ : ନିଶାସକ୍ତ ବ୍ୟକ୍ତି ନିଜର ମାନସିକ ସନ୍ତୁଳନ ହରାଇ ବସିବା ଯୋଗୁଁ ପରିବାରରେ ନିୟମିତ ଘରୋଇ ହିଂସା, ଗାଳିଗୁଲଜ ଏବଂ ଅଶାନ୍ତି ଲାଗିରହେ। ପତି-ପତ୍ନୀଙ୍କ ସମ୍ପର୍କ, ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ ଥିବା ସ୍ନେହ-ଶ୍ରଦ୍ଧା ଏବଂ ପରିବାରର ପରସ୍ପର ପ୍ରତି ବିଶ୍ୱାସ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଏ।

ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ : ଯେଉଁ ଘରେ ନିଶାର ପ୍ରାଦୁର୍ଭାବ ଥାଏ, ସେଠାରେ ବଢୁଥିବା ଛୋଟ ପିଲାମାନଙ୍କ ମାନସିକ ବିକାଶ ଗଭୀର ଭାବେ ପ୍ରଭାବିତ ହୁଏ। ସେମାନେ ପିତାମାତାଙ୍କଠାରୁ ସଠିକ୍ ସଂସ୍କାର ଏବଂ ସ୍ନେହ ପାଇବାରୁ ବଂଚିତ ହୋଇ ଅନେକ ସମୟରେ ଅପରାଧ କିମ୍ବା ଅସାମାଜିକ କାର୍ଯ୍ୟଆଡକୁ ଟାଣି ହୋଇଯାଆନ୍ତି ।

ତେଣୁ ନିଶା କେବଳ ଜଣେ ବ୍ୟକ୍ତିର ଜୀବନ ନୁହେଁ ବରଂ ଏହା ଏକ ପୁରା ପରିବାରକୁ ଛାରଖାର କରି ତା'ର ସମସ୍ତ ସମ୍ପର୍କକୁ ସବୁଦିନ ପାଇଁ ଛିନ୍ନଭିନ୍ନ କରିଦେଇଥାଏ। ଏହି ବିନାଶକାରୀ କଳାଛାୟାରୁ ସମାଜ ଏବଂ ପରିବାରକୁ ରକ୍ଷା କରିବା ପାଇଁ ଆଜି ନିଶା ବିରୁଦ୍ଧରେ ଏକ କଠୋର ସାମାଜିକ ଓ ଆଇନଗତ ଲଢେଇ ଲଢିବା ଅତି ଜରୁରୀ ହୋଇପଡିଛି। ଆଜିର ସମାଜରେ ନିଶାସକ୍ତ କେବଳ ଜଣେ ବ୍ୟକ୍ତିର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରୁନାହିଁ, ବରଂ ଏହା ହସଖୁସିର ଭରା ପରିବାର ଏବଂ ସମସ୍ତ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବରେ ଛାରଖାର କରିଦେଉଛି। ଯେତେବେଳେ ଜଣେ ବ୍ୟକ୍ତି ନିଶାର କବଳରେ ପଡେ, ସେତେବେଳେ ସେ କେବଳ ନିଜେ ବରବାଦ ହୁଏ ନାହିଁ, ବରଂ ତାର ପରିବାର ମଧ୍ୟ ଏହି ମରଣାନ୍ତକ କୁଫଳର ଶିକାର ହୋଇ ଅରକ୍ଷ ହୋଇପଡେ। ନିଶାଶକ୍ତି ଏବଂ ପାରିବାରିକ ବିବାଦ କାରଣରୁ ଘଟୁଥିବା ଜଘନ୍ୟ ଅପରାଧ ଏବଂ ସମ୍ପର୍କ ଅବକ୍ଷୟକୁ ବୁଝାଉଥିବା କିଛି ପ୍ରମୁଖ ବାସ୍ତବ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

ଭୁବନେଶ୍ୱର ମଞ୍ଚେଶ୍ୱର ଘଟଣା : ନିଶା ପାଇଁ ଟଙ୍କା ମାଗିବା ଏବଂ ପାଟିତୁଣ୍ଡକୁ କେନ୍ଦ୍ର କରି ଜଣେ ୨୫ବର୍ଷୀୟ ପୁଅ ନିଜ ବାପାଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଥିବା ଘଟଣା, ଯାହାକି ନିଶାର କୁଫଳ ଏବଂ ପରିବାରର ଧ୍ୱଂସର ଏକ ଜ୍ୱଳନ୍ତ ଉଦାହରଣ।

ସମ୍ବଲପୁର କୁଚିଣ୍ଡା ଘଟଣା : ପାରିବାରିକ କଳି ଏବଂ ଉତ୍ତେଜନା ବଶତଃ ପୁଅ ଦ୍ୱାରା ଟାଙ୍ଗିଆ ଆକ୍ରମଣରେ ବାପାଙ୍କର ମୃତ୍ୟୁ ଘଟିବା, ଯାହା ପରିବାର ଭବନର ସମ୍ପୂର୍ଣ୍ଣ ବିପର୍ଯ୍ୟୟକୁ ଦର୍ଶାଏ।

ଅନ୍ୟାନ୍ୟ ପାରିବାରିକ ବିବାଦ : ନିଶାସକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଘରେ ନିୟମିତ ମାରପିଟ୍, ଗାଳିଗୁଲଜ ଏବଂ ହିଂସାକାଣ୍ଡ ଘଟିବା, ଯାହା ଫଳରେ ପତି-ପତ୍ନୀଙ୍କ ସମ୍ପର୍କ ଭାଙ୍ଗିଯିବା ଏବଂ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହେବା।

## ଜୀବନର ସଂଘର୍ଷ, ମୃତ୍ୟୁର ଆଡ଼ମ୍ବର ଓ ବଦଳୁଥିବା ମାନବିକତା

# ଶେଷ ଯାତ୍ରାରେ ନୁହେଁ, ଶେଷ ନିଶ୍ୱାସ ପୂର୍ବରୁ ପାଖରେ ଠିଆ ହୁଅନ୍ତୁ



ସୌଜନ୍ୟ କୁମାର ପରିଡା
ବାରୁଅ, କେନ୍ଦ୍ରାପଡ଼ା
ମୋ-୮୨୪୯୯୪୩୨୪୭

ମଣିଷ ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି ମୃତ୍ୟୁ। ଯେ ଜନ୍ମ ନେଇଛି, ସେ ଦିନେ ନା ଦିନେ ଏହି ପୃଥିବୀ ଛାଡ଼ି ଚାଲିଯିବ। ଏହା ପ୍ରକୃତିର ଶାଶ୍ୱତ ନିୟମ। କିନ୍ତୁ ମୃତ୍ୟୁର ଦାରୁଣ ଯନ୍ତ୍ରଣାଠାରୁ ମଧ୍ୟ ଅଧିକ କଷ୍ଟଦାୟକ, ବେଦନାଦାୟକ ଓ ହୃଦୟବିଦାରକ ହେଉଛି ସେହି ନିର୍ଦ୍ଦିଷ୍ଟ ସମୟ, ଯେତେବେଳେ ଜଣେ ମଣିଷ ହସ୍ପିଟାଲର ନିର୍ଜନ ଆଇସିୟୁ (ICU) କିମ୍ବା ଶୀତଳ ବେଡ୍‌ରେ ବସି ନିଜର ଶେଷ ନିଶ୍ୱାସ ସହ ସଂଘର୍ଷ କରୁଥାଏ। ମୃତ୍ୟୁଠାରୁ ମଧ୍ୟ ଅଧିକ କଷ୍ଟଦାୟକ ହେଉଛି ସେହି ସମୟ, ଯେତେବେଳେ ଜଣେ ମଣିଷ ହସ୍ପିଟାଲର ବେଡ଼ରେ ଜୀବନ ଓ ମୃତ୍ୟୁ ମଧ୍ୟରେ ସଂଘର୍ଷ କରୁଥାଏ। ସେହି ଚିକିତ୍ସାଳୟର ବେଡ୍‌ରେ ଆତୁର ଆଖିରେ ଚାହିଁଥିବା ରୋଗୀଟି ପାଇଁ ସେହି ସମୟରେ ତାଙ୍କୁ ଆବଶ୍ୟକ ହୁଏ ଔଷଧ, ରକ୍ତ, ପରୀକ୍ଷା, ଅପରେସନ, ଆର୍ଥିକ ସହଯୋଗ ଓ ସବୁଠାରୁ ବଡ଼ କଥା, ନିଜ ଲୋକଙ୍କର ପାଖରେ ଠିଆ ହେବା।

ଦୁର୍ଭାଗ୍ୟର ବିଷୟ, ଆମର ଆଧୁନିକ ଓ ତଥାକଥିତ ସଭ୍ୟ ସମାଜରେ ଆଜି ଏକ ଅତ୍ୟନ୍ତ କରୁଣ ଚିତ୍ର ଦେଖିବାକୁ ମିଳୁଛି। ଯେତେବେଳେ ଜଣେ ରୋଗୀ ହସ୍ପିଟାଲରେ ଜୀବନ ଓ ମୃତ୍ୟୁ ମଧ୍ୟରେ ଝୁଲୁଥାଏ, ଯେତେବେଳେ ରୋଗୀ ହସ୍ପିଟାଲରେ ଜୀବନ ପାଇଁ ଲଢୁଥାଏ, ସେତେବେଳେ ଅନେକ ସମ୍ପର୍କୀୟ ନୀରବ ରହିଥାନ୍ତି। କେହି କୁହନ୍ତି ନାହିଁ, 'ମୁଁ ବ୍ଲଡ଼ ଟେଷ୍ଟର ଖର୍ଚ୍ଚ ଦେବି', 'ମୁଁ ସିଟି ସ୍କାନର ବିଲ୍ ଦେବି', 'ମୁଁ ଅପରେସନର ଖର୍ଚ୍ଚ ବହନ କରିବି', 'ମୁଁ ହସ୍ପିଟାଲର ବେଡ୍ ଚାର୍ଜ ଦେବି।'

ଜଣେ ଗୁରୁତର ରୋଗୀ ପାଇଁ ସମୟସୀମା ଭିତରେ ମିଳିଥିବା ଗୋଟିଏ ୟୁନିଟ୍ ରକ୍ତ ତା'ର ଜୀବନକୁ ମୃତ୍ୟୁମୁଖରୁ ଫେରାଇ ଆଣିପାରେ। ସମୟ ସାପେକ୍ଷରେ କରାଯାଇଥିବା ଏକ ସିଟି ସ୍କାନ ଡାକ୍ତରଙ୍କୁ ସଠିକ୍ ନିର୍ଣ୍ଣୟ ନେବାରେ ସାହାଯ୍ୟ କରେ। ଜରୁରୀକାଳୀନ ଅପରେସନ୍ ଜଣଙ୍କୁ ପୁନର୍ଜନ୍ମ ଦେଇପାରେ। କିନ୍ତୁ ଅର୍ଥର ଘୋର ଅଭାବ ଏବଂ ନିଜ ଲୋକଙ୍କ ନୀରବତା ଯୋଗୁଁ ଅନେକ ପରିବାର ନିଜ ଆଖି ଆଗରେ ଆପଣାର ମଣିଷକୁ ସବୁ ଦିନ ପାଇଁ ହରାଇ ବସନ୍ତି।

କିନ୍ତୁ ଆଶ୍ଚର୍ଯ୍ୟ ଓ ଦୁଃଖର କଥା ହେଉଛି ସେହି ମଣିଷ ଯେତେବେଳେ ଆଖି ବୁଜିଦିଏ, ସେତେବେଳେ ଆରମ୍ଭ ହୁଏ ପ୍ରତିଯୋଗିତା। କିଏ ଚାରି କ୍ରିୟା କରିବ, କିଏ ସାତ କ୍ରିୟା, କିଏ ଦଶ କ୍ରିୟା, କିଏ ବାର କ୍ରିୟାର ସମସ୍ତ ଖର୍ଚ୍ଚ ବହନ କରିବ। ଯେପରି ମୃତ୍ୟୁ ପରେ ହିଁ ସମ୍ପର୍କର ପରୀକ୍ଷା ଆରମ୍ଭ ହୁଏ। ଏହା କି ପ୍ରକୃତ ଭଲପାଇବା? ନା କେବଳ ସମାଜକୁ ଆପଣାର ଧନ ଓ ପ୍ରତିପତ୍ତି ଦେଖାଇବା ପାଇଁ ଏକ ଅଭିନୟ? ଆଜିର ସୋସିଆଲ ମିଡିଆ ଯୁଗରେ ଦେଖାଣିଆ ସଂସ୍କୃତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଫେସବୁକ ଓ ହ୍ୱାଟସଆପରେ ବଡ଼ ବଡ଼ ଶୋକବାର୍ତ୍ତା, ରାସ୍ତାଘାଟରେ ବିଶାଳକାୟ ବ୍ୟାନର, ମହଙ୍ଗା ଶ୍ରାଦ୍ଧ ଭୋଜି ଏବଂ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ଅନେକଙ୍କ ପାଇଁ ସାମାଜିକ ସମ୍ମାନର ପ୍ରତୀକ ସାଜିଛି। କିନ୍ତୁ ଏହାର କେତେ ପ୍ରତିଶତ ପ୍ରକୃତ ମାନବିକତା ଉପରେ ଆଧାରିତ? ଯେଉଁ ମାଂସପିଣ୍ଡଟି କାଠପୋଡ଼ା ପାଉଁଶରେ ପରିଣତ ହୋଇସାରିଛି, ସେ କ'ଣ କେବେ ଜାଣିପାରିବ କିଏ ତା'ର ଶ୍ରାଦ୍ଧରେ କେତେ ଲକ୍ଷ ଟଙ୍କା ଖର୍ଚ୍ଚ କଲା? ସେ ଅନୁଭବ କରିପାରିବ କି କିଏ କେତୋଟି ଶୋକବାର୍ତ୍ତା ଲେଖିଲା? 'ମୃତଦେହ ଉପରେ ଦାମୀ ଫୁଲ ଚଢ଼ାଇବା କେବଳ ସାମାଜିକ ଅହଂକାର; କିନ୍ତୁ ଶେଷ ନିଶ୍ୱାସ ସହ ଲଢୁଥିବା ଜୀବନ୍ତ ଆତ୍ମାକୁ ବଞ୍ଚାଇବା ପାଇଁ ହାତ ବଢ଼ାଇବା ହିଁ ପ୍ରକୃତ ସମ୍ପର୍କ। ଜଣେ ମୁମୂର୍ଷୁ ରୋଗୀର ହୃଦୟର ବେଦନାକୁ ଅନୁଭବ କଲେ ଆମେ ଜାଣିପାରିବା ଯେ, ଚିକିତ୍ସାଳୟର ସେହି ଯନ୍ତ୍ରମୟ ପରିବେଶରେ ସେ କୌଣସି ବିଶାଳ ଶ୍ରାଦ୍ଧ ଭୋଜିର କଳ୍ପନା କରୁନଥାଏ। ତା'ର ବୁଜିହୋଇ ଆସୁଥିବା ଆଖି ଦୁଇଟି କେବଳ ଖୋଜୁଥାଏ ନିଜର ଜଣେ ପ୍ରିୟଜନଙ୍କୁ, ଯିଏ ଆସି ତା'ର କମ୍ପିତ ହାତକୁ ଧରି କହିବ— 'ତୁମେ ଭୟ କରନାହିଁ, ଆମେ ସମସ୍ତେ ତୁମ ସହିତ ଅଛୁ।'

କେଡ଼େ ଦାରୁଣ ଆଶ୍ଚର୍ଯ୍ୟର କଥା, ଯେତେବେଳେ ଗୋଟିଏ ଇଞ୍ଜେକ୍ସନ କିମ୍ବା ଗୋଟିଏ ବୋତଲ ରକ୍ତ କିଣିବା ପାଇଁ ଏକ ନିରୁପାୟ ପରିବାର ଆଖିରୁ ଲୁହ ଗଡ଼ାଇ ଭିକ ମାଗୁଥାଏ, ସେତେବେଳେ ଧନୀ ଓ ପ୍ରତିଷ୍ଠିତ ଆତ୍ମୀୟମାନେ ପକେଟ୍‌ରୁ ଟଙ୍କାଟିଏ କାଢ଼ନ୍ତି ନାହିଁ। କିନ୍ତୁ ସେହି ସମାନ ଲୋକମାନେ ମୃତ୍ୟୁର କିଛି ଘଣ୍ଟା ମଧ୍ୟରେ କୋକେଇ, ଫୁଲମାଳ, ଭୋଜିଭାତ ଓ ସାଉଣ୍ଡ ସିଷ୍ଟମ୍ ପାଇଁ ହଜାର ହଜାର ଟଙ୍କା ପାଣି ଭଳି ବାହାର କରିଦିଅନ୍ତି। ଜଣେ ଜୀବିତ ମଣିଷକୁ ଚିକିତ୍ସା ଅଭାବରୁ ମରିବାକୁ ଛାଡ଼ିଦେଇ ମୃତ୍ୟୁ ପରେ ଶହ ଶହ ଲୋକଙ୍କୁ ପେଟପୂରା ଖାଇବାକୁ ଦେବା କେଉଁ ପ୍ରକାରର ପୁଣ୍ୟ? ଗୋଟିଏ ରୋଗୀ ପାଇଁ ଗୋଟିଏ ୟୁନିଟ୍ ରକ୍ତ ଅନେକ ସମୟରେ ଜୀବନ ବଞ୍ଚାଇପାରେ। ସମୟରେ କରାଯାଇଥିବା ସିଟି ସ୍କାନ ଡାକ୍ତରଙ୍କୁ ଠିକ୍ ଚିକିତ୍ସା କରିବାର ସୁଯୋଗ ଦିଏ। ସମୟରେ ଅପରେସନ ହେଲେ ଜୀବନ ଫେରିଆସିପାରେ। କିନ୍ତୁ ଟଙ୍କା ଅଭାବରେ ଅନେକ ପରିବାର ଅସହାୟ ହୋଇପଡ଼ନ୍ତି। ସେତେବେଳେ ଯଦି ନିଜ ଲୋକମାନେ ଆଗକୁ ଆସନ୍ତେ, ହୁଏତ ଗୋଟିଏ ଜୀବନ ବଞ୍ଚିଯାଇପାରିଥାନ୍ତା।

ଦୁଃଖର କଥା, ଅନେକେ ଭାବନ୍ତି, ମୃତ୍ୟୁ ପରେ ବଡ଼ ଭୋଜି, ବଡ଼ ଆୟୋଜନ କିମ୍ବା ଅଧିକ ଖର୍ଚ୍ଚ କଲେ ସେମାନଙ୍କର ଦାୟିତ୍ୱ ଶେଷ। କିନ୍ତୁ ଯିଏ ଚାଲିଗଲେ, ସେ ଆଉ ସେହି ଆୟୋଜନ ଦେଖିପାରିବେ ନାହିଁ। ସେ ଅନୁଭବ କରିପାରିବେ ନାହିଁ କିଏ କେତେ ଖର୍ଚ୍ଚ କଲା। ତାଙ୍କୁ ଦରକାର ଥିଲା ବଞ୍ଚିଥିବା ବେଳେ ଟିକେ ସହଯୋଗ, ଟିକେ ସ୍ନେହ, ଟିକେ ସାହସ। ଆମର ପରମ୍ପରାକୁ ସମ୍ମାନ ଦେବା ଉଚିତ୍। କ୍ରିୟାକର୍ମ, ଶ୍ରାଦ୍ଧ ଓ ଅନ୍ୟାନ୍ୟ ଧାର୍ମିକ ରୀତିନୀତିର ନିଜସ୍ୱ ମହତ୍ତ୍ୱ ଅଛି। କିନ୍ତୁ ସେହି ପରମ୍ପରା ଯଦି ଜୀବିତ ମଣିଷର ସହାୟତାଠାରୁ ବଡ଼ ହୋଇଯାଏ, ତେବେ ଆମକୁ ନିଜକୁ ପ୍ରଶ୍ନ କରିବାକୁ ପଡ଼ିବ। ମାନବିକତା କେଉଁଠି? ସମ୍ପର୍କର ପ୍ରକୃତ ଅର୍ଥ କ'ଣ?

ଭଲପାଇବା କେବେ ବି ମୃତ୍ୟୁ ପରେ ପ୍ରମାଣ କରିବାର ବିଷୟ ନୁହେଁ। ଭଲପାଇବା ହେଉଛି ଜୀବନ୍ତ ମଣିଷର ହାତ ଧରିବା, ତାଙ୍କ ଲୁହ ପୋଛିବା, ତାଙ୍କ ଚିକିତ୍ସାରେ ସହଯୋଗ କରିବା ଓ ବିପଦ ବେଳେ ପାଖରେ ଠିଆ ହେବା। ଯିଏ ବଞ୍ଚିଥିବା ବେଳେ ସହଯୋଗ କରେ, ସେହି ପ୍ରକୃତ ଆତ୍ମୀୟ। ଯିଏ କେବଳ ମୃତ୍ୟୁ ପରେ ବଡ଼ ବଡ଼ କଥା କହେ, ସମାଜ ସେହି ଭଲପାଇବାର ସତ୍ୟତାକୁ ପ୍ରଶ୍ନ କରିବା ସ୍ୱାଭାବିକ। ଶ୍ରାଦ୍ଧରେ ହଜାର ହଜାର ଟଙ୍କା ଅପବ୍ୟୟ କରିବା ଅପେକ୍ଷା ସେହି ଅର୍ଥରେ ଯଦି କୌଣସି ଗରୀବ ଓ ଅସହାୟ ରୋଗୀର ଚିକିତ୍ସା କରାଯାଇପାରନ୍ତା, ତେବେ ସେହି କାର୍ଯ୍ୟ ମୃତ ଆତ୍ମା ପାଇଁ ସବୁଠାରୁ ବଡ଼ ସ୍ୱର୍ଗୀୟ ଶ୍ରଦ୍ଧାଞ୍ଜଳି ହୁଅନ୍ତା।

ଆସନ୍ତୁ, ଆମେ ଗୋଟିଏ ନୂଆ ସାମାଜିକ ଚିନ୍ତାଧାରା ଗଢ଼ିବା। କେହି ହସ୍ପିଟାଲରେ ଭର୍ତ୍ତି ହେଲେ ପ୍ରଥମେ ପଚାରିବା, 'କେତେ ଟଙ୍କା ଦରକାର?', 'ରକ୍ତ ଦରକାର କି?', 'ଔଷଧ କିଣିବାରେ ସାହାଯ୍ୟ କରିବି କି?' ଏହି ପ୍ରଶ୍ନଗୁଡ଼ିକ ହିଁ ପ୍ରକୃତ ସମ୍ପର୍କର ପରିଚୟ। ମୃତ୍ୟୁ ପରର ଆଡ଼ମ୍ବର ଅପେକ୍ଷା ଜୀବନ ପ୍ରତି ସମ୍ମାନ ଅଧିକ ଜରୁରୀ। ଶ୍ରାଦ୍ଧରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ସେହି ଟଙ୍କାରେ ଯଦି ଜଣେ ରୋଗୀର ଚିକିତ୍ସା ହୁଏ, ତେବେ ସେହି ହେବ ସବୁଠାରୁ ବଡ଼ ଶ୍ରଦ୍ଧାଞ୍ଜଳି।

ସମାଜ ସେହିଦିନ ପ୍ରକୃତ ଅର୍ଥରେ ସଭ୍ୟ ହେବ, ଯେତେବେଳେ ଲୋକମାନେ କହିବେ, 'ମୁଁ ଚାରି କ୍ରିୟା କରିବି' ନୁହେଁ, ବରଂ 'ମୁଁ ତାଙ୍କ ଚିକିତ୍ସାର ଖର୍ଚ୍ଚ ବହନ କରିବି। ମୁଁ ରକ୍ତ ଦେବି। ମୁଁ ତାଙ୍କୁ ବଞ୍ଚାଇବା ପାଇଁ ସବୁ ପ୍ରକାର ସହଯୋଗ କରିବି।' ମୃତ୍ୟୁ ପରେ ଦେଖାଣିଆ ଭଲପାଇବା ନୁହେଁ, ବଞ୍ଚିଥିବା ବେଳେ ମାନବିକ ସହଯୋଗ ହିଁ ପ୍ରକୃତ ସମ୍ପର୍କର ପରିଚୟ। ସେହି ଭଲପାଇବାକୁ ହିଁ ସମାଜ ସମ୍ମାନ ଦେବା ଉଚିତ୍। ଆସନ୍ତୁ, ଶେଷ ଯାତ୍ରାର ସାଜସଜ୍ଜା ଅପେକ୍ଷା ଶେଷ ନିଶ୍ୱାସ ପୂର୍ବରୁ କାହାର ସାହସ ସାଜି ପାଖରେ ଠିଆ ହେବାକୁ ସଂକଳ୍ପ ନେବା।

# ପ୍ରଶ୍ନପତ୍ର ଲିକ୍, ନକଲ ଓ ଜାଲ୍ ସାର୍ଟିଫିକେଟ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସୁଶାସନ ପାଇଁ ଶାସନଗତ ଦୃଢତା ଅତ୍ୟନ୍ତ ଜରୁରୀ। ଶାସନ ବ୍ୟବସ୍ଥା ହୁଗୁଳି ଗଲେ ଅରାଜକତା ଦେଖାଦିଏ। ଚାରିଆଡ଼େ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢିଯାଏ। ବ୍ୟବସ୍ଥା ବିରୋଧି ଅରାଜକ ତତ୍ତ୍ୱ ଆତ୍ମ ପ୍ରକାଶ କରନ୍ତି। ନିଜ ସ୍ୱାର୍ଥପାଇଁ ଏମାନେ ସମାନ୍ତରାଳ ବ୍ୟବସ୍ଥା ଚାଲୁ କରିବାକୁ ଚେଷ୍ଟା କରନ୍ତି। ଏହା ରାଷ୍ଟ୍ର ସତ୍ତାକୁ ଆଞ୍ଚ ପହଞ୍ଚାଏ। ରାଷ୍ଟ୍ର ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଇପାରେ ନାହିଁ। ନାଗରିକମାନେ ନ୍ୟାୟ ପାଇ ପାରନ୍ତି ନାହିଁ। ସରଳ ଓ ଶୃଙ୍ଖଳିତ ଲୋକଙ୍କ ଉପରେ ଅତ୍ୟାଚାର ବଢେ। ସମସ୍ତ କ୍ଷେତ୍ରରେ ସେମାନେ ବଞ୍ଚିତ ହୁଅନ୍ତି। ରାଷ୍ଟ୍ରର ଗୋଟିଏ ବ୍ୟବସ୍ଥା ଦୁର୍ବଳ ହେଲେ ଅନ୍ୟ ବ୍ୟବସ୍ଥାକୁ ଏହା ପ୍ରଭାବିତ କରେ। ଏହା ଅଧିକ ପରିବ୍ୟାପ୍ତ ହେଲେ ରାଷ୍ଟ୍ରସତ୍ତା ଅରାଜକ ତତ୍ତ୍ୱ ହାତକୁ ଚାଲିଯାଏ। ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ବିପଦରେ ପକାଇବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅଣାୟତ୍ତ ପରିସ୍ଥିତିକୁ ସୁଧାରିବାକୁ ପୁଣି ଅନେକ ସମୟ ଲାଗିଯାଏ। କାରଣ ଏଥିପାଇଁ ପ୍ରବଳ ଜନମତର ଆବଶ୍ୟକତା ପଡେ। ରାଷ୍ଟ୍ରବାଦୀମାନଙ୍କୁ ଆଗକୁ ଆସିବାକୁ ପଡେ। ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଏକ ଦୃଢ ଶିକ୍ଷାବ୍ୟବସ୍ଥା ଅପରିହାର୍ଯ୍ୟ। ଦେଶରେ ଶିକ୍ଷାବ୍ୟବସ୍ଥାର ଦାୟିତ୍ୱ ହେଉଛି ଏକ ସୁସ୍ଥ ଓ ପାରଦର୍ଶୀ ଶୈକ୍ଷିକ ବାତାବରଣକୁ ବଜାୟୀ ରଖିବା ଓ ସ୍ୱଚ୍ଛ ମୂଲ୍ୟାୟନ ଜରିଆରେ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ପ୍ରମାଣପତ୍ର ବା ସାର୍ଟିଫିକେଟ ମାଧ୍ୟମରେ ସ୍ୱୀକୃତି ଦେବା। ଏହି ପ୍ରମାଣପତ୍ର ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅକ୍ଳାନ୍ତ ପରିଶ୍ରମ, କରିବାକୁ ପଡେ। ମାଟ୍ରିକୁଲେସନ୍ ସାର୍ଟିଫିକେଟ ପାଇଁ ଜଣକୁ ଅନ୍ୟୁନ ଦଶବର୍ଷ ପଢିବାକୁ ହୁଏ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ତାକୁ ପାସର ପ୍ରମାଣ ପତ୍ର ମିଳେ। ଫେଲ ହେଲେ ପୁଣି ଅଧିକ ବର୍ଷ ପଢିବାକୁ ହୁଏ। ସେହିପରି +୨ ପାଇଁ ଅନ୍ୟୁନ ଦୁଇ ବର୍ଷ, +୩ ପାଇଁ ଅନ୍ୟୁନ ତିନି ବର୍ଷ, ପୋଷ୍ଟ ଗ୍ରାଜୁଏସନ ପାଇଁ ଅନ୍ୟୁନ ଦୁଇବର୍ଷ, ଏହିପରି ପ୍ରତି ସ୍ତରର ପାଠ୍ୟକ୍ରମ ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ହିସାବ କଲେ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଅନ୍ୟୁନ ଦଶ ବର୍ଷ, +୨ ପାଇଁ ଅନ୍ୟୁନ ବାର ବର୍ଷ, +୩ ସାର୍ଟିଫିକେଟ ପାଇଁ ଅନ୍ୟୁନ ପନ୍ଦର ବର୍ଷ ଓ ଉଚ୍ଚତର ଡିଗ୍ରୀ ପାଇଁ ଆହୁରି ଅଧିକ ବର୍ଷ ପଢିବାକୁ ହୁଏ। ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସମୟ ଭଲ ପରୀକ୍ଷା ଫଳ ପାଇବା ପାଇଁ ଲଗାଇ ଦିଅନ୍ତି। ରାତି ଅନିଦ୍ରା ରହି ପାଠ ପଢନ୍ତି। ଉତ୍କଣ୍ଠା ଓ ପ୍ରତିଯୋଗିତା ମଧ୍ୟରେ ଅଧ୍ୟୟନ କରନ୍ତି। ଏକ ମାତ୍ର ଲକ୍ଷ୍ୟ ଭଲ ନମ୍ବର ରଖି ଭଲ ଡିଭିଜନରେ ପାସ୍ କରିବା। ଏହି ରେଜଲ୍ଟ ତାର ସ୍ୱପ୍ନକୁ ସାକାର କରିବ। ଭଲ ଚାକିରିଟିଏ କରିବାରେ ସହାୟକ ହେବ। ପରିବାରର ଆଶା ପୂରଣ କରିବ। ବହୁ କଷ୍ଟ ସ୍ୱୀକାର କରି ପରିବାର ଯେଉଁ ପାଠ ପଢାଇଛନ୍ତି, ସେ ରୋଜଗାର କଲେ ପରିବାର ପ୍ରତି ସହାୟକ ହେବ। ଏ ସମସ୍ତ ବିଷୟ ଆମ ଅନୁଭୂତିର। ଆମେ ସମସ୍ତେ ଏହି ସୋପାନ ଦେଇ ଆସିଛୁ। ପଢି ସାରିଲା ପରେ ଜଣେ ଯେଉଁ ଶିକ୍ଷା ପ୍ରମାଣପତ୍ର ପାଏ, ତାହା ତାର ତପସ୍ୟାର ଫଳ। ଏହା ତାର ଆତ୍ମତୃପ୍ତି। ଏହି ପ୍ରମାଣ ପତ୍ର ସାରା ଜୀବନ ତାର ବ୍ୟକ୍ତିତ୍ୱର ପ୍ରମାଣ ଦିଏ। ମଲା ପରେବି ପରବର୍ତ୍ତୀ ବଂଶଧରମାନେ ଏହାକୁ ନେଇ ଗର୍ବ କରନ୍ତି। ଆଲୋଚନାବି କରନ୍ତି। ତେଣୁ ଶିକ୍ଷାନୁଷ୍ଠାନମାନଙ୍କରେ ପରୀକ୍ଷାର ଯେଉପରି ସ୍ୱତନ୍ତ୍ର ମହତ୍ତ୍ୱ ଥାଏ, ସେଠାରୁ ଯେଉଁ ଶିକ୍ଷା ପ୍ରମାଣ ପତ୍ର ମିଳେ ତାହାର ମହତ୍ତ୍ୱ ଆହୁରି ଅଧିକ ଥାଏ। ଏହିପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଭୂଲୁଣ୍ଠିତ ହୁଏ ଯେତେବେଳେ ଏହାର ଏକ ଭ୍ରଷ୍ଟ ଓ ବିରୋଧି ବ୍ୟବସ୍ଥା କାୟା ବିସ୍ତାର କରେ। ଶ୍ରେଣୀଶିକ୍ଷା ଉପରୁ ଗୁରୁତ୍ୱ ହ୍ରାସ କରାଯାଏ। ପରୀକ୍ଷା ପଦ୍ଧତିରେ ଅସ୍ୱଚ୍ଛତା ଆସେ। ସାର୍ଟିଫିକେଟ ହାସଲ କରିବା କେବଳ ମାତ୍ର ଲକ୍ଷ୍ୟ ହୋଇଯାଏ। ଛାତ୍ରଛାତ୍ରୀମାନେ ନକଲ ଉପରେ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟରତ କର୍ମଚାରୀମାନେ ପରୀକ୍ଷାରେ ଅସାଧୁ ଉପାୟର ଅବଲମ୍ବନକୁ ପ୍ରୋତ୍ସାହିତ କରନ୍ତି। କପି ମାଫିଆମାନେ ସକ୍ରୀୟ ହୋଇଯାଆନ୍ତି ଓ ବ୍ୟବସ୍ଥା ସହିତ ବୁଝାମଣା କରି ପ୍ରଶ୍ନପତ୍ର ଲିକ୍ ସହିତ, କପି ଯୋଗାଣ, ମୂଲ୍ୟାୟନରେ ହେରଫେର, ଟେବୁଲେସନ୍ ବେଳେ ନମ୍ବର ହେରଫେର ପରି ଅସାଧୁ କାର୍ଯ୍ୟ ବିନା ପ୍ରତିବନ୍ଧକରେ କରିଚାଲନ୍ତି। ଏପରି ସ୍ଥଳେ ପରୀକ୍ଷା ନିୟମର ବିରୁଦ୍ଧରେ ଏକ ଭ୍ରଷ୍ଟ ସମାନ୍ତରାଳ ବ୍ୟବସ୍ଥା କାର୍ଯ୍ୟକରେ। ଗୋଟିଏ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାକୁ ସୂଚାରୁରୂପେ ପରିଚାଳିତ କରିବା ପାଇଁ ଯେଉଁସବୁ ନିୟମର ପ୍ରବର୍ତ୍ତନ ହୋଇଥାଏ, ତାହା କ୍ରମେ ମୂଲ୍ୟହୀନ ହୋଇଯାଏ ଏବଂ ମାଫିଆ ଓ ଭ୍ରଷ୍ଟାଚାରୀଙ୍କ ଇଙ୍ଗିତରେ ଦେଶର ବ୍ୟବସ୍ଥା ପରିଚାଳିତ ହୁଏ। ସାମ୍ପ୍ରତିକ ଅବସ୍ଥାରେ ବହୁଚର୍ଚ୍ଚିତ ନିଟ ପ୍ରଶ୍ନପତ୍ର ପ୍ରଘଟ, ବିଭିନ୍ନ ସମୟରେ ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍, ଓଡ଼ିଶାରେ ଏସଆଇ ନିଯୁକ୍ତି ପରୀକ୍ଷାରେ ଟଙ୍କା ବଦଳରେ ପୂର୍ବ ସେଟି, ପରୀକ୍ଷାରେ ନକଲ, ବିଭିନ୍ନ ପ୍ରକାର ନିଯୁକ୍ତିରେ ଜାଲିଆତି ଇତ୍ୟାଦି ବହୁ ଅନିୟମିତତା ସମ୍ମୁଖକୁ ଆସୁଛି। ଏଗୁଡ଼ିକର ସଂଖ୍ୟା କ୍ରମେ ବଢି ଚାଲିଛି। ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଦିଏ ଯେତେବେଳେ ସାର୍ଟିଫିକେଟ ବା ପାଶ୍ ପ୍ରମାଣପତ୍ର ବଜାରରେ କିଣିବାକୁ ମିଳେ। ଶିକ୍ଷା ମାଫିଆ ଓ କଳାବଜାରୀମାନେ ଏହାକୁ ସବୁଠାରୁ ସହଜ ମାଧ୍ୟମ ଭାବେ ଗ୍ରହଣକରି ନେଇଛନ୍ତି। ଏଥିରେ ଶ୍ରେଣୀ ଶିକ୍ଷାଲାଭ କରିବାର ଆବଶ୍ୟକତା ନଥାଏ। ଦଶପନ୍ଦର ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ଝାମେଲା ଏବଂ ଅର୍ଥ ଓ ସମୟ ବ୍ୟୟର ଆବଶ୍ୟକତା ପଡେନାହିଁ। କୋଉ ସ୍କୁଲ ବା କଲେଜରେ ନାମ ଲେଖାଇବାକୁ ପଡେ ନାହିଁ। କେହି ଯଦି ନାମ ଲେଖାଇ ଥାଏ, ତେବେ ସେ ଫେଲ ହୋଇଥିଲେବି ତାକୁ ଅଧିକ ନମ୍ବର ରଖିଥିବା ପାସ୍ ସାର୍ଟିଫିକେଟ ଓ ନମ୍ବର ଫର୍ଦ୍ଦ ବା ମାର୍କସିଟ୍ ମିଳିଯାଏ। ଏହାକୁ ନେଇ ସେ ଭଲ ଚାକିରି ପାଇଯାଏ। ଯିଏ ଜାଲ୍ ସାର୍ଟିଫିକେଟ୍ ଯୋଗାଡ କରିପାରେ ତାପାଇଁ ଚାକିରୀ ଯୋଗାଡ କରିବା କେଉଁ କଷ୍ଟକର କାମ ? କେତେକ ରାଜନେତାଙ୍କ ପାଇଁ ନିଜର ରାଜନୈତିକ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ସାଧାରଣ ଜନତାକୁ ନିଜର ଉଚ୍ଚଶିକ୍ଷା ଯୋଗ୍ୟତାର ପ୍ରଦର୍ଶନ କରିବା ଦିଗରେ ଏହା ଏକ ସହଜ ମାଧ୍ୟମ। ପାଠ ନପଢି ଗୋଟିଏ ଉଚ୍ଚ ଡିଗ୍ରୀ ସାର୍ଟିଫିକେଟ ଯୋଗାଡ କରିନେଲେ ହେଲା। ଏହାକୁ ନେଇ ଏପରିକି ନିର୍ବାଚନ ଅଧିକାରୀ ନିକଟରେ ଏବାବଦକୁ ଏଫିଡେଭିଟ ଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ। ଯଦି ଏପରି ବ୍ୟକ୍ତି ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇ ଯାଆନ୍ତି ଓ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆସେ, ତେବେ ସେ ନିଜର କ୍ଷମତା ବଳରେ ଏପ୍ରକାର ଅଭିଯୋଗକୁ ଚାପିଦେବା ପାଇଁ ଭରପୁର ଚେଷ୍ଟା କରନ୍ତି। ଏହାକୁ ସୂଚୀତ ଅନୁଷ୍ଠାନରେ ରେକର୍ଡଭୁକ୍ତ କରିବାକୁ ଚେଷ୍ଟା କରନ୍ତି ଧରାପଡିବା ଭୟରେ। ଦେଶରେ ହଜାର ହଜାର ସଂଖ୍ୟାରେ ଜାଲ ସାର୍ଟିଫିକେଟ୍ ଓ ମାର୍କସିଟ୍ ବିକ୍ରୀ ହେବାର ତଥ୍ୟ ପ୍ରଘଟ ହୋଇଛି। ଏହାର ଚେର ଚାରିଆଡ଼େ ଲମ୍ବିଛି ଓ ଚେରର ଗଭୀରତା ବହୁତ ବେଶିବୋଲି ଜଣାପଡିଛି। ଅନେକେ ଏହିପ୍ରକାର ପ୍ରମାଣପତ୍ର ଜରିଆରେ ଚାକିରୀ କରୁଛନ୍ତି। କେତେକେ ଧରା ପଡିଲେଣି। ଏହା ଉପରେ ଖୋଳତାଡ଼ ଚାଲିଛି। ଅନେକଙ୍କ ଧାରଣା ଯେ ଏହା ପଛରେ ରାଜନୈତିକ ନେତାଙ୍କ ପୃଷ୍ଟପୋଷକତା ଥାଇପାରେ। ଏପ୍ରକାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ଚାଲିଛି। ଏତ ସମୁଦ୍ରକୁ ଶଙ୍ଖେ। ଠିକଭାବେ ଇନକ୍ୱାରୀ କଲେ ଅନେକ କଥା ସାମ୍ନାକୁ ଆସିବ ଓ ଅନେକଙ୍କ ମୁଖା ଖୋଲିବ। ତେବେ ସାଧାରଣରେ ଏହାବି ସନ୍ଦେହ ରହିଛି ଯେ ଯେଉଁମାନେ ଏତେ କରିତକର୍ମା, ଯେଉଁମାନେ ପାଠନପଢି ଜାଲ ସାର୍ଟିଫିକେଟ ସଂଗ୍ରହ କରି ଚାକିରି କରିପାରୁଛନ୍ତି, ସେମାନେ ଇନକ୍ୱାରୀକୁବି କିଣି ନେବେନିତ ? କାରଣ ଦେଶର ଗୋଟିଏ ବ୍ୟବସ୍ଥାରେ ଘୁଣ ଲାଗିଲେ ତାହା ଅନ୍ୟ ବ୍ୟବସ୍ଥାକୁ ମଧ୍ୟ ସଂକ୍ରମିତ ହୁଏ। ତୁ'ତ ମୁତୁରୀ ମୁଁ'ତ ମୁତୁରୀ ଦୋଷ କାହା ଉପରେ ଲଦିବା ନ୍ୟାୟରେ କେଶ୍ ଦଫାରଫା ହୋଇଯାଏ। ବୁଝାମଣାରେ ସବୁ ଚାଲେ। ରାଜନେତାମାନେ ଦେଶର ଦିଗଦର୍ଶକ। କେତେକ ରାଜନେତାଙ୍କ ବିରୁଦ୍ଧରେ ଜାଲ ଶିକ୍ଷାଗତ ଯୋଗ୍ୟତାର ଗମ୍ଭୀର ଅଭିଯୋଗ ଆସିଛି। ଅତୀତରେ ଦିଲ୍ଲୀର ଆଇନ୍ ମନ୍ତ୍ରୀଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଆସିଥିଲା ଓ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଏବେ ଦେଶର ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ମଧ୍ୟ ଏପ୍ରକାର ଅଭିଯୋଗ କେତେକ ରାଜନୈତିକ ଦଳ ଆଣୁଛନ୍ତି। ଅବଶ୍ୟ ତାଙ୍କ ଦଳ ଏହା ଉପରେ ସ୍ପଷ୍ଟିକରଣ ଦେଇ ସାରିଛି। ବିହାର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ଏପରି ଅଭିଯୋଗ ଆସୁଛି। ସେ ମଧ୍ୟ ଏପରି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଆହୁରି ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସୁଛି। କେବଳ ଏତିକି ନୁହେଁ ଜାଲ ଜାତି ସାର୍ଟିଫିକେଟ, ଜାଲ ଜନ୍ମ ସାର୍ଟିଫିକେଟ, ଜାଲ ସମ୍ପତ୍ତି ପ୍ରମାଣ ପତ୍ର ପରି ଅଭିଯୋଗ ମଧ୍ୟ ଆସୁଛି। ରାଜନୈତିକ ନେତାମାନେ ଏ ସମସ୍ତ ଅଭିଯୋଗରୁ ମୁକ୍ତ ହେବା ଉଚିତ। ଅନ୍ୟଥା ଏମାନଙ୍କ ହାତରେ ଦେଶ ସୁରକ୍ଷିତ ରହିବ କିପରି ? ଅଭିଯୋଗ ହେବାମାତ୍ରେ ଏମାନେ ନିଜଆଡୁ ନିଜର ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଉଚିତ୍। ଏହା ଦ୍ୱାରା ନିଜର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରହିବ। ଅନ୍ୟଥା ଲୋକେ ବିଶ୍ୱାସ କରିବେ 'ଦାଲ ମେ କୁଛ୍ କାଲା ହେ'। ଦେଶରେ ଦେଖା ଦେଇଥିବା ଜାଲ ସାର୍ଟିଫିକେଟ ଓ ଜାଲି କାରବାର ଦେଶକୁ ତଳିତଳାନ୍ତ କରିଦେବ। ଦେଶରେ ସଚ୍ଚୋଟ ଓ ସାଧୁଙ୍କ କୌଣସି ସ୍ଥାନ ରହିବ ନାହିଁ। ଦୀର୍ଘବର୍ଷ ଧରି ଭଲ ପରୀକ୍ଷା ଫଳ ପାଇଁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଓ ତାଙ୍କ ଉପରେ ଭରସା ରଖୁଥିବା ଅଭିଭାବକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ। ଲୋକଙ୍କ ଶିକ୍ଷା ବ୍ୟବସ୍ଥା ଉପରୁ ଭରସା ତୁଟିଯିବ। ଏହାଯେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିଦେବ ତାହା ନୁହେଁ ଏହା ସହିତ ଅନ୍ୟ ବ୍ୟବସ୍ଥାଗୁଡିକୁ ମଧ୍ୟ ଦୁର୍ବଳ କରିଦେବ। ତେଣୁ ଏହିପ୍ରକାର କାରବାରରେ ଲିପ୍ତଥିବା କଳାବଜାରୀ ଓ ମାଫିଆମାନଙ୍କୁ କୋଠାର ହସ୍ତରେ ଦମନ କରାଯିବା ଉଚିତ। ଆଉ ଏଥିରେ ସମ୍ପୃକ୍ତ ରାଜନୈତିକ ନେତାମାନେତ ଆଦୌ କ୍ଷମାର ପାତ୍ର ନୁହଁନ୍ତି। ତାଙ୍କୁ ଯେତେ ଭର୍ତ୍ସନା କଲେବି କମ୍ ହେବ। ସାଧୁ ବେଳହୁଁ ସାବଧାନ। ବ୍ୟବସ୍ଥାର ଦୃଢ଼ତା ଦେଶର ଦୃଢତା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ୧୬ତମ ଜୁନିୟର ପୁରୁଷ ଜାତୀୟ ହକି ଚାମ୍ପିଅନସିପ୍ ଟାଇଟଲ୍ ଜିତିଲା ଓଡ଼ିଶା

**କୋୟମ୍ବାଟୁର**

ଓଡ଼ିଶା ହକି ଦଳ ଏକ ବଡ଼ ସଫଳତା ହାସଲ କରିଛି । ୧୬ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ନ୍ୟାସନାଲ ଚାମ୍ପିଅନସିପ୍ ୨୦୨୬-ଡିଭିଜନ 'ଏ'ର ଟାଇଟଲ୍ ଦଳ ଜିତି ନେଇଛି । ତାମିଲନାଡ଼ୁର କୋୟମ୍ବାଟୁର ଠାରେ ଖେଳାଯାଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମ୍ୟାଚରେ ମଧ୍ୟପ୍ରଦେଶକୁ ୨-୧ ଗୋଲରେ ହରାଇ ଓଡ଼ିଶା ଏହି ଚାମ୍ପିଅନସିପ୍ ଟ୍ରଫି ହାସଲ କରିଛି ।

ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲା । ଦଳକୁ ଏହାର ଫାଇଦା ଦ୍ୱିତୀୟ ମିନିଟରେ ହିଁ ମିଳିଯାଇଥିଲା, ଯେତେବେଳେ ମନଦୀପ କେରକେଟା ଗୋଲ୍ କରି ଓଡ଼ିଶାକୁ ୧-୦ରେ ଆଗୁଆ କରିଦେଇଥିଲେ । ପ୍ରାରମ୍ଭିକ ଅଗ୍ରଗତି ପରେ ମଧ୍ୟପ୍ରଦେଶ ଉପରେ ଚାପ ବଢ଼ି ଯାଇଥିଲା । ମଧ୍ୟପ୍ରଦେଶ ପ୍ରତ୍ୟାବର୍ତ୍ତନ ପାଇଁ କ୍ରମାଗତ ଭାବେ ଚେଷ୍ଟା କରିଥିଲା ଏବଂ ଅନେକ ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା, କିନ୍ତୁ ଓଡ଼ିଶାର ରକ୍ଷଣଭାଗ ଖେଳାଳିମାନେ ଦୃଢ଼ତାର ସହ ସାମ୍ନା କରିଥିଲେ । ଦୁଇ ଦଳ ମଧ୍ୟରେ ମିଡ୍‌ଫିଲ୍ଡରେ ବଲ୍ ନିୟନ୍ତ୍ରଣ ପାଇଁ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଏବଂ ଆକ୍ରମଣରେ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରହିଥିଲା ।

ମଧ୍ୟପ୍ରଦେଶକୁ ଶେଷରେ ୩୭ତମ ମିନିଟରେ ସଫଳତା ମିଳିଥିଲା । ସୋହିଲ ଅଲୀ ଗୋଲ୍ କରି ସ୍କୋରକୁ ୧-୧ କରିଦେଇଥିଲେ ଏବଂ ମ୍ୟାଚ୍‌କୁ ଏକ ରୋମାଞ୍ଚକର ସ୍ଥିତିକୁ ନେଇଆସିଥିଲେ । ସ୍କୋର ବରାବର ହେବା ପରେ ଦୁଇ ଦଳ ନିର୍ଣ୍ଣାୟକ ଅଗ୍ରଗତି ହାସଲ କରିବା ପାଇଁ ପୂରା ଜୋର ଲଗାଇଥିଲେ । ଶେଷ କ୍ୱାର୍ଟରରେ ଓଡ଼ିଶା ନିଜ ଖେଳକୁ ଆହୁରି ଦ୍ରୁତ କରିଥିଲା ଏବଂ ଅଧିନାୟକ ଦୀପକ ପ୍ରଧାନ ୪୫ତମ ମିନିଟରେ ଗୋଲ୍ କରି ଦଳକୁ ପୁଣି ଥରେ ୨-୧ରେ ଆଗୁଆ କରିଦେଇଥିଲେ ।

ଟାଇଟଲ୍ ହାତରୁ ଖସିଯାଉ ଥିବାର ଦେଖି ମଧ୍ୟପ୍ରଦେଶ ଶେଷ




ପର୍ଯ୍ୟାୟରେ ସ୍କୋର ବରାବର କରିବା ପାଇଁ ନିଜର ପୂରା ଶକ୍ତି ଖଟାଇ ଦେଇଥିଲା । ହେଲେ ଓଡ଼ିଶାର ଖେଳାଳିମାନେ ନିଜର ରକ୍ଷଣଭାଗକୁ ଦୃଢ଼ତାର ସହ ସମ୍ଭାଳି ରଖିଥିଲେ ଏବଂ ମଧ୍ୟପ୍ରଦେଶକୁ ଆଉ କୌଣସି ଗୋଲ୍ କରିବାକୁ ଦେଇନଥିଲେ । ଶେଷ ସାଇରନ୍ ବାଜିବା ପର୍ଯ୍ୟନ୍ତ ଓଡ଼ିଶା ୨-୧ର ଅଗ୍ରଗତି ବଜାୟ ରଖିଥିଲା ଏବଂ ୧୬ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ନ୍ୟାସନାଲ ଚାମ୍ପିଅନସିପ୍ ୨୦୨୬-ଡିଭିଜନ 'ଏ'ର ଟାଇଟଲ୍ ନିଜ ନାମରେ କରିନେଇଥିଲା ।

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା : ହକି ଦଳର ଏହି ସଫଳତା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆ 'ଏକ୍ସ' ପୋଷ୍ଟରେ ଲେଖିଛନ୍ତି, '୧୬ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ନ୍ୟାସନାଲ ଚାମ୍ପିଅନସିପ୍‌ରେ ଏକ ଚମତ୍କାର ବିଜୟ ପାଇଁ ଓଡ଼ିଶା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ । ଏକ ରୋମାଞ୍ଚକର ଫାଇନାଲ୍ ମ୍ୟାଚରେ ଓଡ଼ିଶା, ମଧ୍ୟପ୍ରଦେଶକୁ ୨-୧ ଗୋଲରେ ହରାଇ ଚାମ୍ପିଅନ ହୋଇଛି । ଏହି ଅସାଧାରଣ ସଫଳତା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆମର ଯୁବ ହକି ଖେଳାଳିମାନଙ୍କ ପ୍ରତିଭା, ଦୃଢ଼ ସଂକଳ୍ପ ଓ ସଂଘର୍ଷପୂର୍ଣ୍ଣ ମନୋଭାବର ଏକ ଜ୍ୱଳନ୍ତ ପ୍ରମାଣ ।'

କାଂସ୍ୟ ପଦକ ଜିତିଲା ପଞ୍ଜାବ : ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ହକି ପଞ୍ଜାବ ଚମତ୍କାର ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ହକି ଝାଡ଼ଖଣ୍ଡକୁ ୬-୩ ଗୋଲରେ ହରାଇ କାଂସ୍ୟ ପଦକ ହାସଲ କରିଛି । ପଞ୍ଜାବ ପାଇଁ ଗୁରବିରର ସିଂ ୧୧ତମ ମିନିଟରେ ଗୋଲ୍ କରି ଦଳର ସ୍କୋର ଖାତା ଖୋଲିଥିଲେ । ଏହାପରେ ଅଧିନାୟକ ଜଗମନ ସିଂ ୩୪ତମ ଏବଂ ୩୬ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ୍ କରିଥିଲେ । ଅଜୟପାଲ ସିଂ ୪୧ତମ ମିନିଟରେ ଗୋଲ୍ କରିଥିବା ବେଳେ ଚରଣଜିତ ସିଂ ୫୨ତମ ଏବଂ ୫୩ତମ ମିନିଟରେ ଦୁଇଟି ଗୋଲ୍ କରି ପଞ୍ଜାବର ଅଗ୍ରଗତିକୁ ମଜଭୁତ କରିଦେଇଥିଲେ ।

ଝାଡ଼ଖଣ୍ଡ ପକ୍ଷରୁ ପାଉଲ ହାସା ଏକ ଚମତ୍କାର ହ୍ୟାଟ୍ରିକ୍ ଅର୍ଜନ କରିଥିଲେ । ସେ ୩୩ତମ, ୪୦ତମ ଓ ୫୬ତମ ମିନିଟରେ ଗୋଲ୍ କରିଥିଲେ, କିନ୍ତୁ ପଞ୍ଜାବର ଆକ୍ରମଣାତ୍ମକ ଖେଳ ସମ୍ମୁଖରେ ଝାଡ଼ଖଣ୍ଡର ସମସ୍ତ ପ୍ରୟାସ ଅପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇଥିଲା । ପଞ୍ଜାବ ୬-୩ର ବିଜୟ ସହ ଟୁର୍ଣ୍ଣାମେଣ୍ଟରେ ତୃତୀୟ ସ୍ଥାନ ହାସଲ କରିଥିଲା ।

## ଜାତୀୟ ଜଳକ୍ରୀଡ଼ା ଚାମ୍ପିୟନସିପ୍

# ୨ ସ୍ୱର୍ଣ୍ଣ ସହ ୮ଟି ପଦକ ହାସଲ କଲେ ଓଡ଼ିଶା ପୋଲିସ କ୍ରୀଡ଼ାବିତ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ହୋଇଥିବା ଅଖିଳ ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପ୍ ୨୦୨୬-୨୭ରେ ଓଡ଼ିଶା ପୋଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଗତ ଅଗଷ୍ଟ ୮ରୁ ୯ ତାରିଖ ପର୍ଯ୍ୟନ୍ତ ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ପୋଲିସ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧ଟି କାଂସ୍ୟ ସହ ମୋଟ ୮ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଓଡ଼ିଶା ପୋଲିସ କ୍ରୀଡ଼ାବିତ୍‌ଙ୍କ ଏହି ଉଲ୍ଲେଖନୀୟ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତା କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିବଦ୍ଧତା ଏବଂ କ୍ରୀଡ଼ା ଉତ୍କର୍ଷତା ପ୍ରତି ସେମାନଙ୍କ ଅବଦାନ ପାଇଁ ପ୍ରଶଂସା କରିଛନ୍ତି । ଏହି ସଫଳତା ଓଡ଼ିଶା ପୋଲିସର କ୍ରୀଡ଼ା ପରମ୍ପରାକୁ ଆହୁରି ସମୃଦ୍ଧ କରିବା ସହ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଜଳକ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି ।

ଏହି ସଫଳତାରେ ଡବ୍ଲୁସି/୧୩୬୬ ରଶ୍ମିତା ସାହୁ ୩ଟି ପଦକ ହାସଲ କରିଛନ୍ତି । ସେ କାନୋଇଂ ସିଙ୍ଗଲ୍ ୧୦୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି । ସେହିପରି ଡବ୍ଲୁସି/୩୪୯ ସଚିମା କେରକେଟା ମଧ୍ୟ ୩ଟି ପଦକ ହାସଲ କରିଛନ୍ତି । ସେ କାନୋଇଂ-୪ର ୨୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୧୦୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷରେ ଡବ୍ଲୁସି/୩୨୨ ପୁନମଣି ଖାଖା କାୟାକିଂ-୨ ୨୦୦ ମିଟରରେ ରୌପ୍ୟ ଏବଂ ସିଙ୍ଗଲ୍ ୧୦୦୦ ମିଟରରେ କାଂସ୍ୟ ପଦକ ହାସଲ କରି ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି ।



# ଲଗାତାର ୬ ଛକା ମାରି ଇତିହାସ ରଚିଲେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ୍ ଟୋବି ଆଲବର୍ଟ

**ନୂଆଦିଲ୍ଲୀ**

କ୍ରିକେଟରେ ୬ଟି ବଲ୍‌ରେ ୬ଟି ଛକା ମାରିବାକୁ ଏକ ବହୁତ ବଡ଼ କାରନାମା ମାନାଯାଏ । ୱାନ୍‌ଡେ କପ୍-୨୦୨୬ରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ୍ ଟୋବି ଆଲବର୍ଟ ନିଜ ବ୍ୟାଟିଂ ଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛନ୍ତି । ସେ ସସେକ୍ସ ବିପକ୍ଷରେ ହୋଭ୍‌ଠାରେ ୮୬ ରନର ଏକ ଧୂଆଁଧାର ଇନିଂସ ଖେଳିଥିଲେ । ଯଦିଓ ସେ ନିଜର ଏହି ଇନିଂସ ପାଇଁ ନୁହେଁ, ବରଂ ୬ଟି ବଲ୍‌ରେ ୬ଟି ଛକା ମାରିବାର କାରନାମା ଯୋଗୁଁ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ହାମ୍ପସାୟରର ଏହି ବ୍ୟାଟ୍ସମ୍ୟାନ୍ ବୋଲରମାନଙ୍କୁ ପ୍ରହାର କରିବାରେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ ଏବଂ ୨୩୨.୪୩ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିଥିଲେ ।



ହାମ୍ପସାୟର ଏବଂ ସସେକ୍ସ ମଧ୍ୟରେ ରୟାଲ ୱାନଡେ କପ୍‌ରେ ଏକ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ହାମ୍ପସାୟରକୁ ଅଲି ଅର୍ ଏବଂ ବେନ୍ ମେୟସ ଏକ ଭଲ ଆରମ୍ଭ ଦେଇଥିଲେ । ଉଭୟ ଶତକ ହାସଲ କରିଥିଲେ ଏବଂ ଏହି ଦୁଇ ବ୍ୟାଟ୍ସମ୍ୟାନ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୨୨୫ ରନର ପାର୍ଟନରସିପ୍ ହୋଇଥିଲା । ଅଲି ଆଉଟ୍ ହେବା ପରେ ଟୋବି ଆଲବର୍ଟ ବ୍ୟାଟିଂ କରିବାକୁ ଆସିଥିଲେ ଏବଂ ସେ ଦଳର ଏହି ଦ୍ରୁତ ରନ୍ ଗତିକୁ ବଜାୟ ରଖିଥିଲେ ।

ଆଲବର୍ଟ ଦୁଇଟି ଅଲଗା ଅଲଗା ଓଭରରେ ଏହି ଛକାଗୁଡ଼ିକ ମାରିଥିଲେ । ସେ ନାଣ୍ଟେସ ଓଷ୍ଟୁଇଜେନଙ୍କ ଓଭରର ଶେଷ ଦୁଇଟି ବଲ୍‌ରେ ଛକା ମାରିଥିଲେ । ଏହାପରେ ପରବର୍ତ୍ତୀ ଓଭରର ଦୁଇଟି ବଲ୍ ପରେ ଯେତେବେଳେ ତାଙ୍କୁ ଷ୍ଟ୍ରାଇକ୍ ମିଳିଲା, ସେତେବେଳେ ସେ ଆହୁରି ଚାରିଟି ବିଶାଳ ଛକା ମାରିଥିଲେ । ସେ ଏହିପରି ଖେଳିଥିବା କ୍ରମାଗତ ୬ଟି ବଲ୍‌ରେ ୬ଟି ଛକା ବର୍ଷା କରି ରେକର୍ଡ କରିଥିଲେ । କହି ରଖୁଛୁ ଯେ କିଛି ଏହିଭଳି ସମାନ କାରନାମା ଆଇପିଏଲରେ ରିୟାନ ପରାଗ ମଧ୍ୟ କରିଥିଲେ ଏବଂ ବର୍ତ୍ତମାନ ୱାନଡେ କପ୍‌ରେ ଟୋବି ଆଲବର୍ଟ ଏହା କରି ଦେଖାଇଛନ୍ତି । ଏହି ମ୍ୟାଚ୍‌ରେ ଟୋବି ଆଲବର୍ଟ ଚମତ୍କାର ଫର୍ମରେ ନଜର ଆସିଥିଲେ ଏବଂ ୬ଟି ବଲ୍‌ରେ ୬ଟି ଛକା ମାରିବା ପରେ ମଧ୍ୟ ନିଜର ଧୂଆଁଧାର ବ୍ୟାଟିଂ ଜାରି ରଖିଥିଲେ । ସେ ୩୭ଟି ବଲ୍‌ର ସାମ୍ନା କରି ୮୬ ରନ୍ ସଂଗ୍ରହ କରିଥିଲେ । ଏହି ସମୟରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୩୨.୪୩ ଥିଲା । ସେ ନିଜର ଏହି ଚମତ୍କାର ଇନିଂସରେ ୮ଟି ଛକା ଏବଂ ୫ଟି ଚୌକା ମାରିଥିଲେ । ମ୍ୟାଚ୍‌ରେ ପ୍ରଥମେ ହାମ୍ପସାୟର ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୩୮୩ ରନର ବିଶାଳ ସ୍କୋର ଛିଡ଼ା କରିଥିଲା । ଜବାବରେ ସସେକ୍ସ ଦଳ ୩୩୨ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା । ଯାହାଫଳରେ ହାମ୍ପସାୟର ୫୧ ରନରେ ବିଜୟ ହାସଲ କରିଥିଲା ।

# ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଅସିଚାଳନା
# ପ୍ରଥମ ଦିନରେ ଭାରତକୁ ୧୭ ପଦକ

**ଲାଗୋସ୍**



ନାଇଜେରିଆର ଲାଗୋସ୍‌ରେ ଚାଲିଥିବା ୨୩ ବର୍ଷରୁ କମ୍ ରାଜ୍ୟ ଗୋଷ୍ଠୀ ଅସିଚାଳନା ପ୍ରତିଯୋଗିତାରେ ଭାରତୀୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛି । ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ମୋଟ ୧୭ଟି ପଦକ ଜିତିଛି । ଏଥିରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି । ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଥିବାବେଳେ ଏହା ଅଗଷ୍ଟ ୧୪ ପର୍ଯ୍ୟନ୍ତ ଚାଲିବ । ସୂଚନା ଅନୁସାରେ ଭାରତୀୟ ଅସିଚାଳକମାନେ ସମସ୍ତ ବିଭାଗରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି । ସାବ୍ରେ, ଫଏଲ୍ ଓ ଏପି ଏହି ତିନିଟି ବିଭାଗର ସମସ୍ତ ୬ଟି ବ୍ୟକ୍ତିଗତ ଇଭେଣ୍ଟରେ ଅନ୍ତତଃ ଜଣେ ଭାରତୀୟ ଅସିଚାଳକ ପଦକ ହାସଲ କରିଛନ୍ତି । ପୁରୁଷ ସାବ୍ରେ ବିଭାଗରେ ନିଖିଲ ୱାଗ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଲକ୍ଷ୍ୟ ବାଦସର ରୌପ୍ୟ ପଦକ ହାସଲ କରିଛନ୍ତି । ଅଶ୍ୱିନୀ ଆର୍ଯ୍ୟ ଓ ଲାଇଶ୍ରାମ ମୋରାମ୍ବା ଯୁଗ୍ମ କାଂସ୍ୟ ପଦକ ଜିତିଛନ୍ତି । ଫଳରେ ଏହି ଇଭେଣ୍ଟରେ ଭାରତ ପୋଡିୟମ୍‌ର ସମସ୍ତ ଚାରିଟି ସ୍ଥାନ ଦଖଲ କରିଛି । ପୁରୁଷ ଫଏଲ୍ ବିଭାଗରେ ତେଜସ ପାଟିଲ ରୌପ୍ୟ ଏବଂ ହେମାଶ ସନାସାମ କାଂସ୍ୟ ପଦକ ଜିତିଛନ୍ତି । ସେହିପରି ପୁରୁଷ ଏପି ବିଭାଗରେ ଲୋକେଶ ଭିମାନି ରୌପ୍ୟ ପଦକ ହାସଲ କରିଥିବାବେଳେ ଶୌର୍ଯ୍ୟ ଅଶ୍ୱିନୀ ଓ ଗଡୱିନ୍ ଅନ୍‌ବକେସ୍ କାଂସ୍ୟ ପଦକ ଜିତିଛନ୍ତି ।

# ବିଶ୍ୱ ଯୁ-୨୦ ଆଥଲେଟିକ୍ସ : ୩ ପଦକରେ ଭାରତୀୟ ଅଭିଯାନ ଶେଷ




**ନୂଆଦିଲ୍ଲୀ**

ବିଶ୍ୱ ଅଣ୍ଡର-୨୦ ଆଥଲେଟିକ୍ସ ଚାମ୍ପିଅନସିପର ଶେଷ ଦିନରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କୁ ନିରାଶାଜନକ ସଫଳତା ମିଳିଛି । ଦେଶର ତାରକା ତଥା ଜାତୀୟ ରେକର୍ଡଧାରୀହାଇ ଜମ୍ପ ଆଥଲେଟ୍ ପୂଜା ସିଂହ ଏବଂ ମହିଳା ୪ ଗୁଣା ୪୦୦ ମିଟର ରିଲେ ଟିମ୍ ଆଶାଜନକ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଭାରତ ସମାପ୍ତି ପର୍ଯ୍ୟାୟକୁ ଆସି ମୋଟ ତିନୋଟି ପଦକ (ଦୁଇଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ) ସ୍ଥାନ ସହିତ ନିଜର ଅଭିଯାନ ଶେଷ କରିଛି । ପୂଜା ସିଂହଙ୍କ ନିରାଶଜନକ ପ୍ରଦର୍ଶନ ୧୯ ବର୍ଷ ବୟସ୍କା ପୂଜା ସିଂହଙ୍କଠାରୁ ଦେଶର ବଡ଼ ଆଶା ରହିଥିଲା, କିନ୍ତୁ ସେ ଫାଇନାଲ୍ ମୁକାବିଲାରେ ସପ୍ତମ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୋଇଛନ୍ତି । ପୂଜା କେବଳ ୧.୮୪ ମିଟର ଉଚ୍ଚତା ପାର୍ କରିବାରେ ସଫଳ ହୋଇଥିଲେ, ଯାହା ତାଙ୍କର ସିନିୟର ଜାତୀୟ ରେକର୍ଡ ୧.୯୩ ମିଟରଠାରେ ବହୁ ପଛରେ ରହିଯାଇଥିଲା । ସେ ୧.୮୭ ମିଟର ଉଚ୍ଚତା ଅତିକ୍ରମ କରିବା ପାଇଁ ତିନୋଟି ଯାକ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ ।

ପ୍ରତିଯୋଗିତାରେ ଅଷ୍ଟ୍ରେଲିଆର ଇଜୋବେଲ୍ ଲୁଇସନ୍-ରୋ ୧.୯୨ ମିଟର କୁଦି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବାବେଳେ, ହଙ୍ଗେରୀର ଲିଲିଆନା ବଟୋରି (୧.୯୦ ମିଟର) ଏବଂ ସ୍ପେନର ଆଇତାନା ଅଲୋନସୋ (୧.୯୦ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାତେଇଛନ୍ତି । ସୂଚନାଯୋଗ୍ୟ ଯେ, ପୂଜା ଗତ ମେ' ମାସରେ ୧.୯୩ ମିଟରର ସିନିୟର ଜାତୀୟ ରେକର୍ଡ ସ୍ଥାପନ କରି ଏସୀୟ ଅଣ୍ଡର-୨୦ ଆଥଲେଟିକ୍ସ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏପରିକି ସେ ସିନିୟର ଏସୀୟ ଆଥଲେଟିକ୍ସ ଚାମ୍ପିଅନସିପର ମଧ୍ୟ ମୁଖ୍ୟ ସ୍ୱର୍ଣ୍ଣ ପଦକ ବିଜେତା । ମହିଳା ରିଲେ ଦଳର ନୈରାଶ୍ୟଜନକ ସ୍ଥିତି ମହିଳାଙ୍କ ୪ ଗୁଣା ୪୦୦ ମିଟର ରିଲେ ଇଭେଣ୍ଟର ଫାଇନାଲରେ ଭାରତୀୟ ଟିମ୍ ନବମ ତଥା ସର୍ବଶେଷ ସ୍ଥାନରେ ଅଭିଯାନ ଶେଷ କରିଛି । ଭାରତୀୟ ଝିଅମାନେ ଏହି ଦୌଡ଼କୁ ୩ ମିନିଟ୍ ୪୫.୨୮ ସେକେଣ୍ଡରେ ପୂରା କରିଥିଲେ । ଏହି ଦଳରେ ଭୂମିକା ନେହତେ, ତାହୁରା ଖାତୁନ୍, ତନୁ ଚୌଧୁରୀ ଏବଂ ଥିଆ ଅରୁମୁଗମ ସାମିଲ ଥିଲେ ।

# ଫିଟନେସରେ ଚମକିଲେ ସରଫରାଜ, ଶ୍ରୀଲଙ୍କା ଟେଷ୍ଟ ସିରିଜ୍ ପୂର୍ବରୁ ୧୭ କିଲୋ ଓଜନ କମାଇଲେ ଭାରତୀୟ ବ୍ୟାଟ୍ସମ୍ୟାନ୍

**ନୂଆଦିଲ୍ଲୀ**

ଭାରତୀୟ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର କିଛି ଦିନ ପୂର୍ବରୁ ସରଫରାଜ ଖାନ ସୋସିଆଲ ମିଡିଆରେ ଲେଖିଥିଲେ, 'ହୋଇପାରେ ମୁଁ ଦଳରେ ଫିଟ୍ ବସୁନଥିବି, କିନ୍ତୁ ମୁଁ ମୋ ତରଫରୁ କୌଣସି ସୁଯୋଗ ହାତଛଡ଼ା କରିବି ନାହିଁ ।' ଏଥିରୁ ତାଙ୍କର ଦୃଢ଼ ସଂକଳ୍ପ ଜଣାପଡୁଛି, କିନ୍ତୁ ସେ ସେତେବେଳର ପରିସ୍ଥିତି ବିଷୟରେ ମଧ୍ୟ ଭଲଭାବେ ଅବଗତ ଥିଲେ । ବର୍ତ୍ତମାନ ତାଙ୍କ ଭାଗ୍ୟ ବଦଳିଯାଇଛି ଏବଂ ସେ ପୁଣି ଥରେ ଭାରତୀୟ ଦଳର ଅଂଶ ହୋଇଯାଇଛନ୍ତି । ଯାହାକି ଏକ ପ୍ରକାରରେ ତାଙ୍କ ଦୃଢ଼ ସଂକଳ୍ପର ହିଁ ବିଜୟ । ସାଇ ସୁଦର୍ଶନ ଆହତ ହେବା ଯୋଗୁଁ ସରଫରାଜଙ୍କୁ ଭାରତୀୟ ଦଳରେ ସ୍ଥାନ ପାଇବାର ସେହି ସୁଯୋଗ ମିଳିଗଲା, ଯାହାକୁ ସେ ବିଗତ ଦୁଇ ବର୍ଷ ହେବ ଅପେକ୍ଷା କରିଥିଲେ । ତାଙ୍କୁ ଅଗଷ୍ଟ ୧୫ରୁ ଶ୍ରୀଲଙ୍କା ବିପକ୍ଷରେ ହେବାକୁ ଥିବା ଦୁଇଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ପାଇଁ ଦଳରେ ସାମିଲ କରାଯାଇଛି ।

ସରଫରାଜଙ୍କ ପାଇଁ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ ଏହାଠାରୁ ଭଲ ସମୟ ହୋଇ ନପାରେ । କାରଣ ସେ ଫିଟ୍ ହେବା ପାଇଁ ନିଜ ପକ୍ଷରୁ ସବୁ ପ୍ରକାର ସମ୍ଭବ ଚେଷ୍ଟା କରିଥିଲେ । ଯେଉଁଥିରେ ବିଗତ ଦେଢ଼ ବର୍ଷ ମଧ୍ୟରେ ୧୭ କିଲୋ ଓଜନ କମାଇବା ମଧ୍ୟ ସାମିଲ ଥିଲା । ରଣଜୀ ଟ୍ରଫିରେ ତ୍ରିଶତକ ହାସଲ କରିବା ସତ୍ତ୍ୱେ ସର୍ଫରାଜଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଅଧିକ ଭାରୀ ଶରୀର ବିଶିଷ୍ଟ ଖେଳାଳି ବୋଲି ମାନାଯାଉଥିଲା । କିନ୍ତୁ ବର୍ତ୍ତମାନ ସେ ଅଧିକ ଫିଟ୍ ଦେଖାଯାଉଛନ୍ତି । ଯାହା ଦ୍ୱାରା ନିଶ୍ଚିତ ଭାବେ ତାଙ୍କ ଟି-୨୦ ଖେଳରେ ସୁଧାର ଆସିଛି ।

ମୁମ୍ବାଇରେ ଅଦିନିଆ ବର୍ଷା ଯୋଗୁଁ ଅଭ୍ୟାସ କରିବା ସମ୍ଭବ ନଥିଲା ଏବଂ ସେଥିପାଇଁ ସରଫରାଜ କାଶ୍ମୀର ଚାଲିଯାଇ ଥିଲେ । ଯେଉଁଠାରେ ସେ ନିଜ କୌଶଳକୁ ସୁଧାରିବା ପାଇଁ ଶେର-ଏ-କାଶ୍ମୀର ଷ୍ଟାଡିୟମରେ ଘଣ୍ଟା ଘଣ୍ଟା ସମୟ ବିତାଇଥିଲେ । ତେଣୁ ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ବହୁତ ଗୁରୁତ୍ୱ ରଖେ । କାରଣ ୨୦୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାରି ଥର ବିଫଳ ହେବା ପରେ ଦଳରୁ ବାହାର କରାଯିବାକୁ ଗ୍ରହଣ କରିବା କଷ୍ଟକର ଥିଲା । ଏହା ଏମିତି ଏକ ସିରିଜ୍ ଥିଲା ଯେଉଁଥିରେ ସବୁ ଖେଳାଳି ବିଫଳ ହୋଇଥିଲେ । କିନ୍ତୁ ଶେଷରେ ଏହି ୨୮ ବର୍ଷୀୟ ଖେଳାଳିଙ୍କ ଉପରେ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହାପରେ ସେ ଇଂଲଣ୍ଡ ଯାଇଥିଲେ । ଯେଉଁଠାରେ ସେ ବେକେନହାମ ଠାରେ ଏକ 'ଇଣ୍ଟ୍ରା-ସ୍କ୍ୱାଡ୍' ମ୍ୟାଚରେ ଶତକ ହାସଲ କରିବା ବ୍ୟତୀତ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଏକ ଅନୌପଚାରିକ ଟେଷ୍ଟରେ



ଭାରତ ଏ ପକ୍ଷରୁ ୯୨ ରନ୍ କରିଥିଲେ, କିନ୍ତୁ ଜାତୀୟ ଦଳକୁ ତାଙ୍କର ପ୍ରତ୍ୟାବର୍ତ୍ତନ ସେତେବେଳ ପର୍ଯ୍ୟନ୍ତ ସୁଦୂର ପରାହତ ହୋଇ ରହିଥିଲା, ଯେପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ନିଜ ଘରୋଇ ମାଟିରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ବିପଦର ଘଣ୍ଟି ବାଜିନଥିଲା ।

ଖବର ଅନୁସାରେ ଦଳ ପରିଚାଳନା କମିଟି ଦକ୍ଷିଣ ଆଫ୍ରିକା ବିପକ୍ଷ ଗୁଆହାଟୀଠାରେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ସରଫରାଜଙ୍କ ବିଷୟରେ ପଚରାଉଚରା କରିଥିଲେ । କିନ୍ତୁ ଚୟନ ସମିତି ତାଙ୍କୁ ଦଳକୁ ଫେରାଇ ଆଣିବାକୁ ପ୍ରସ୍ତୁତ ନଥିଲେ । ମାତ୍ର ବର୍ତ୍ତମାନ ସୁଦର୍ଶନଙ୍କ ଡାହାଣ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଲାଗିଥିବା ଆଘାତ ଠିକ୍ ସମୟରେ ଭଲ ନହେବା ଯୋଗୁଁ ଚୟନ ସମିତି ପାଖରେ ତାଙ୍କ ସ୍ଥାନ ପୂରଣ କରିବା ପାଇଁ ତିନୋଟି ବିକଳ୍ପ ଥିଲା । ରୁତୁରାଜ ଗାଏକ୍ୱାଡ୍, ଶେଖ୍ ରଶିଦ୍ ଓ ସରଫରାଜ, ଯିଏକି ବର୍ତ୍ତମାନର ଦଳରେ ଅଧିନାୟକ ଶୁବମନ ଗିଲ୍ ଏବଂ ଋଷଭ ପନ୍ତଙ୍କ ବ୍ୟତୀତ ବୋଧହୁଏ ସ୍ପିନ ବୋଲିଂ ଖେଳିବାରେ ସବୁଠାରୁ ପାରଙ୍ଗମ ଖେଳାଳି ଅଟନ୍ତି ।

ଅନ୍ୟପଟେ ଧ୍ରୁବ ଜୁରେଲ କିଛି ସମୟ ହେବ ସ୍ପିନରମାନଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି । ସେଥିପାଇଁ ଏହା ନିଶ୍ଚିତ ଭାବେ କୁହାଯାଇପାରିବ ନାହିଁ ଯେ ଉତ୍ତର ପ୍ରଦେଶର ଏହି ଖେଳାଳି ଅଗଷ୍ଟ ୧୫ରୁ ଗଲ୍‌ଠାରେ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟରେ କେବଳ ଜଣେ ବ୍ୟାଟ୍ସମ୍ୟାନ୍ ଭାବରେ ଖେଳିବେ । ଜୁରେଲ ଗତ ମାସରେ ଭାରତ ଏ ଦଳର ଅଧିନାୟକ ଭାବରେ ଶ୍ରୀଲଙ୍କା ଆସିଥିଲେ ଏବଂ ସେ ଦୁଇଟି 'ଏ' ଟେଷ୍ଟ ମ୍ୟାଚ୍‌ରେ ଏକ ଶତକ ଓ ଏକ ଅର୍ଦ୍ଧଶତକ ହାସଲ କରିଥିଲେ, କିନ୍ତୁ ରବିବାର ଦିନ ଶେଷ ହୋଇଥିବା ଅଭ୍ୟାସ ମ୍ୟାଚ୍‌ରେ ସେ ଅଫ୍-ସ୍ପିନରଙ୍କ ସାମ୍ନା ସହଜରେ କରିପାରୁନଥିଲେ । ଅଫ୍-ସ୍ପିନରମାନଙ୍କ ଆଗରେ ତାଙ୍କର ଦୁର୍ବଳତା ସମସ୍ତଙ୍କୁ ଜଣା । ଏଭଳି ପରିସ୍ଥିତିରେ ସରଫରାଜଙ୍କୁ ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ । ସରଫରାଜଙ୍କ ପାଖରେ ଷ୍ଟ୍ରୋକ୍ ଖେଳିବାର ଭଲ ଦକ୍ଷତା ରହିଛି । ଯେଉଁଥିରେ ପାରମ୍ପରିକ ଏବଂ ରିଭର୍ସ ସ୍ୱିପ୍ ମଧ୍ୟ ସାମିଲ ଅଛି ।

OFFICE OF THE NOTIFIED AREA COUNCIL, BIJEPUR
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E Mail ID:- bijepurnac2018@gmail.com
13001/1485/2627

No. 1039 / Dt. 07.08.26
"e"-procurement Notice
Bid Identification No.EO/Bijepur/02/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. Nature of work : Civil work
2. No. of works : 06 Nos.
3. Estimated cost : as per NIT
4. Period of completion : As per NIT
5. Date and time of availability of the Documents in the Portal. : From 10 hours of 10.08.2026 to 17hours of 19.08.2026
6. Last date/time for receipt of Bids in the portal. : Dt.19.08.2026 up to 17hours.
7. Bids received online shall be opened on : Dt.20.08.2026 at 11 hours
8. Name and address of the Officer inviting Bid. : Executive Officer, Bijepur NAC

Further, the details can be seen from the procurement Portal www.tendersodisha.gov.in

Sd/- Executive Officer
Bijepur NAC
OIPR-13001/13123/1/26-27/0004

**Notice**
13001/1479/2627

Zilla Parishad, Jagatsinghpur invites tender proposals from experienced and reputed agencies for providing professional manpower support to the Zilla Parishad, Jagatsinghpur. The selected Agency will provide technical, managerial and support staff to strengthen the planning, implementation and monitoring of initiatives under Rural Housing, MGNREGS, ORMAS, RGSA and DWSM. The engagement shall initially be for **3 Years**, extendable based on performance and project requirements. The details of RFP tender documents and the other terms and conditions will be available in https://tendersodisha.gov.in

**Schedule for Invitation of RFP**

| S.No. | Name of Assignment | Manpower support to the Zilla Parishad, Jagatsinghpur |
|---|---|---|
| 1 | RFP Bid document download/submission of Bid start Date | 12.08.2026, Time: 10.00 AM |
| 2 | Last Date & time of submission of RFP Bid | 24/08/2026 &Time: 5.00 PM |
| 3 | Date & time of opening of Technical Bid | 25/08/2026 &Time: 11.00 AM Venue: Conference Hall, Zilla Parishad, Jagatsinghpur |
| 4 | Tentative Date & time of opening of Financial Bid | 26/08/2026 & time: 11.00 AM Venue: Conference Hall, Zilla Parishad, Jagatsinghpur |
| 5 | Mode of submission of RFP | Online through Tenders Odisha Portal |
| 6 | Bid Security (EMD) | Rs.1,37,000/- |

Sd/- Chief Development Officer cum-Executive Officer, Zilla Parishad, Jagatsinghpur
OIPR-13001/13213/1/26-27/0003

# ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଅଜେୟୁ) ମୟୂରଭଞ୍ଜ ଜିଲ୍ଲା ୟୁନିଟ ପକ୍ଷରୁ ବିରୋଧ କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି । ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକମାନଙ୍କ ପିତାମାତାଙ୍କୁ ମଧ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି ।

ସରକାର ଏହି ଦାବି ଉପରେ ତୁରନ୍ତ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନକଲେ, ଅଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଙ୍ଘ ପକ୍ଷରୁ ସାମ୍ବାଦିକ ଅଭିଜିତ ମହାନ୍ତି, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ମନୋଜ କୁମାର ପଣ୍ଡା, ଦୋଳ ଗୋବିନ୍ଦ ବାରିକ, ସୁକାନ୍ତ କୁମାର ସାହୁ, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ତପନ କୁମାର ଦାସ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା, ରୁପମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



# ୨୬ ଅଭିଯୋଗର ତତ୍କାଳ ଫଇସଲା କଲେ ଜିଲ୍ଲାପାଳ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୨ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ୟଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଯାଜପୁର ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ର, ଡେପୁଟି କଲେକ୍ଟର, ଅଭିଯୋଗ ପ୍ରକୋଷ୍ଠ, ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରସୁଲପୁର ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର, ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରସୁଲପୁର ବ୍ଲକ୍ ବାହାଡେଲାପୁର ପଞ୍ଚାୟତର ଅର୍ଜୁନ ଚରଣ ପଣ୍ଡାଙ୍କୁ ଜିଲ୍ଲାପାଳ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।





## ପାରାଦୀପ ବନ୍ଦର ପ୍ରାଧିକରଣରେ ଆଇଏମପିସିସି ବୈଠକ

# ବାହୁଦାରେ ସାଟେଲାଇଟ୍ ବନ୍ଦର ଏବଂ ପୁରୀରେ କ୍ରୁଜ୍ ଟର୍ମିନାଲ ବିକଶିତ କରିବ ପାରାଦୀପ ବନ୍ଦର: ପିପିଏ ଅଧ୍ୟକ୍ଷ

## ଗଣଯୋଗାଯୋଗରେ ସହାନୁଭୂତି ଏବଂ ସମନ୍ୱୟ ଉପରେ ଗୁରୁତ୍ୱାରୋପ କଲେ ପିଆଇବି ଏଡିଜି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ରର ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି (ଆଇଏମପିସିସି)ର ଏକ ବୈଠକ ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ରୁମରେ ଅନୁଷ୍ଠିତ ହୋଇଯାଇଛି । ରଣନୀତିକ ଯୋଗାଯୋଗକୁ ସୁଦୃଢ଼ କରିବା, ଆନ୍ତଃବିଭାଗୀୟ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ଅଂଚଳରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ଶ୍ରୀ ପି.ଏଲ. ହରନାଧ ଦେଶର ପ୍ରମୁଖ ଶିଳ୍ପ ଏବଂ ସାମୁଦ୍ରିକ କେନ୍ଦ୍ର ଭାବରେ ପାରାଦୀପର ଦ୍ରୁତ ଅଭ୍ୟୁଦୟ ଉପରେ ଆଲୋକପାତ କରିଥିଲେ। ମାଲ ପରିବହନ କ୍ଷମତାରେ ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦର ହେବାର ମାଇଲଖୁଣ୍ଟ ହାସଲ କରିଛି ବୋଲି ଉଲ୍ଲେଖ କରି, ଶ୍ରୀ ହରନାଧ ରାଜ୍ୟର ସାମୁଦ୍ରିକ କାରବାରକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବା ପାଇଁ ପରିକଳ୍ପନା କରାଯାଇଥିବା ମହତ୍ୱାକାଂକ୍ଷୀ ରୂପରେଖ ଉପସ୍ଥାପନ କରିଥିଲେ। ସେ ଗଞ୍ଜାମ ଜିଲ୍ଲାର ବାହୁଦାରେ ଏକ ପୂର୍ଣ୍ଣାଙ୍ଗ ସାଟେଲାଇଟ୍ ବନ୍ଦର ବିକାଶ ବିଷୟରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରିଥିଲେ । ସେଠାରେ ୧୫୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କଣ୍ଟେନର ଟର୍ମିନାଲ ରହିବ ଯାହା ଓଡ଼ିଶା, ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ଆଭ୍ୟନ୍ତରୀଣ ଅଂଚଳକୁ ସେବା ଯୋଗାଇବା ସହିତ ବ୍ୟାପକ ଅନ୍ତର୍ଜାତୀୟ ବାଣିଜ୍ୟ କରିଡରକୁ ସହଜ କରିବ । ରୂପାନ୍ତରକାରୀ ଉପକୂଳ ଭିତ୍ତିଭୂମି ଉପରେ ଅଧିକ ଆଲୋକପାତ କରି ଶ୍ରୀ ହରନାଧ କହିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ଯୋଜନା ରହିଛି । ଏହା ସ୍ଥାନୀୟ ନିଯୁକ୍ତି ଏବଂ ଦକ୍ଷ କର୍ମଶକ୍ତି ବିକାଶକୁ ପ୍ରୋତ୍ସାହନ ଦେବ । ସେ କହିଥିଲେ, ଉପକୂଳ ପର୍ଯ୍ୟଟନ ଏବଂ ଅନ୍ତର୍ଜାତୀୟ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ପୁରୀରେ ଏକ ଆଧୁନିକ କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ଦିଗରେ ମଧ୍ୟ ପାରାଦୀପ ବନ୍ଦର ପ୍ରାଧିକରଣ ଆଗକୁ ବଢୁଛି। ଏହା ପୁରୀ ଭଳି ବିଶ୍ୱ ପ୍ରସିଦ୍ଧ ତୀର୍ଥସ୍ଥଳ ସହିତ କୋଣାର୍କ ଏବଂ ଚିଲିକାକୁ ନେଇ ଏକ ଚିତାକର୍ଷକ ସାମୁଦ୍ରିକ ପର୍ଯ୍ୟଟନ ସର୍କିଟ ବିକଶିତ କରିବ । ଏହି ବିକାଶମୂଳକ ମାଇଲଖୁଣ୍ଟଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଜନସାଧାରଣଙ୍କ ନିକଟରେ ପହଂଚାଇବା ଏବଂ ଜନମତକୁ ପ୍ରଭାବିତ କରିବା ଲାଗି ଆଇଏମପିସିସି ଭଳି ସଂସ୍ଥାଗତ ବ୍ୟବସ୍ଥା ମାଧ୍ୟମରେ ସମନ୍ୱିତ ବହୁ-ସଂସ୍ଥାଗତ ପ୍ରଚାରପ୍ରସାର ଅତ୍ୟନ୍ତ ଜରୁରୀ ବୋଲି ପିପିଏ ଅଧ୍ୟକ୍ଷ କହିଥିଲେ । ବୈଠକରେ ଅଧ୍ୟକ୍ଷତା କରି, ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସି ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ଅଖିଳ କୁମାର ମିଶ୍ର ଗଣଯୋଗାଯୋଗରେ ସହାନୁଭୂତି ଏବଂ ଭାବପ୍ରବଣ ଉପସ୍ଥାପନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ପ୍ରକୃତ ସମ୍ପର୍କ ଏବଂ ନାଗରିକଙ୍କ ଆଶାକୁ ଠିକ୍ ଭାବେ ବୁଝି ନ ପାରିଲେ ଗଣଯୋଗାଯୋଗ ପ୍ରଭାବଶୂନ୍ୟ ହୋଇଥାଏ। ରାଷ୍ଟ୍ର ପ୍ରଗତିର ଏକ ମିଳିତ କାହାଣୀ ଉପସ୍ଥାପନ କରିବା ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ବ୍ୟବସ୍ଥିତ ସମନ୍ୱୟ ରହିବା ଅତି ଆବଶ୍ୟକ । ଏହି ସମ୍ମିଳନୀ ଆୟୋଜନ କରିବା ଏବଂ ଭିନ୍ନ ଭିନ୍ନ କ୍ଷେତ୍ର ମଧ୍ୟରେ ସହଯୋଗ ନିମନ୍ତେ ଏକ ପ୍ରଭାବୀ ମଂଚ ଯୋଗାଇ ଦେବା ନିମନ୍ତେ ପିପିଏର ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ । ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଗଣମାଧ୍ୟମ ୟୁନିଟ୍, ବିଭାଗ ଏବଂ ସ୍ୱାୟତ୍ତ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ବୈଠକରେ ଦୂରଦର୍ଶନ, ଭୁବନେଶ୍ୱରର ଆଂଚଳିକ ସମାଚାର ୟୁନିଟର ଉପନିର୍ଦ୍ଦେଶକ ତଥା ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ର; ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡକ୍ଟର ସୁଚିତ୍ରା ସାମଲ; ମାଇ ଭାରତ ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ମାଇ ଭାରତ ସହକାରୀ ସେକ୍ସନ ଅଫିସର ରୋହିତ ନନ୍ଦେଶ୍ୱର, ସିଏସଆଇଆର-ଆଇଏମଏମଟି ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ସତ୍ୟଜିତ ରଥ, ଏନଆଇଟି ରାଉରକେଲାର ଲୋକ ସମ୍ପର୍କ ଅଧିକାରୀ ଅଭିଜିତ ପଟ୍ଟନାୟକ, ଆକାଶବାଣୀ କଟକ ଆଂଚଳିକ ସମାଚାର ୟୁନିଟର ବାର୍ତ୍ତା ସମ୍ପାଦକ ନିର୍ମାଲ୍ୟ ବେହେରା, ବିଏସଏନଏଲ ଉପଖଣ୍ଡ ଅଧିକାରୀ ଅସିତ ପ୍ରସାଦ ସାମଲ, ଏମପିଇଡିଏ ସହାୟକ ନିର୍ଦ୍ଦେଶକ ବିଜୁ ଭି.ଏନ. ଇଏସଆଇସି ପାରାଦୀପର ଶାଖା ପରିଚାଳକ ରୋଜାଲିନ ସାହୁ, ପିଆଇବି ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳେଇ, ପିପିଏର ମୁଖ୍ୟ ପ୍ରବନ୍ଧକ (କର୍ପୋରେଟ୍ ସମ୍ପର୍କ ଓ ଯୋଗାଯୋଗ) ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀମାନେ ସେମାନଙ୍କ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଆଇଏମପିସିସି ଓଡ଼ିଶା କ୍ଷେତ୍ରର ସଦସ୍ୟ ସଚିବ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବୈଠକ ପରିଚାଳନା କରିଥିଲେ। ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ଶ୍ରୀ ସ୍ୱାଧୀନ ଶକ୍ତି ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି ୭ର ସଦସ୍ୟମାନଙ୍କ ତେଲେଙ୍ଗାନା ଗସ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି - ୭ର ଅଧ୍ୟକ୍ଷ ସୁଧୀର ରଂଜନ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟିର ସଦସ୍ୟମାନେ ଅଗଷ୍ଟ ୬ରୁ ତେଲେଙ୍ଗାନା ରାଜ୍ୟ ଗସ୍ତରେ ଯାଇଛନ୍ତି । ଷ୍ଟାଣ୍ଡିଂ କମିଟିର ସଦସ୍ୟ ତୁଷାରକାନ୍ତି ବେହେରା, ଟଙ୍କଧର ତ୍ରିପାଠୀ, ଅଗସ୍ତି ବେହେରା ଓ ଦୁର୍ଗା ଚରଣ ତନ୍ତୀ ପ୍ରମୁଖ ବିଧାୟକମାନଙ୍କ ସହ ବିଧାନସଭା ତରଫରୁ କମିଟି ଅଧୀକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ପ୍ରଶାନ୍ତ କୁମାର ଦାସ ମଧ୍ୟ ଏହି ଗସ୍ତରେ ସାମିଲ ଅଛନ୍ତି । କମିଟିଙ୍କ ଗସ୍ତ କାଳରେ ୭ ତାରିଖ ଦିନ ତେଲେଙ୍ଗାନା ରାଜ୍ୟ ବିଧାନସଭା ପରିଦର୍ଶନ କରି ବାଚସ୍ପତି, ବିଧାନସଭା ପରିଷଦର ଅଧ୍ୟକ୍ଷ ତଥା ସଂପୃକ୍ତ କମିଟିର ଅଧ୍ୟକ୍ଷଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ଶିଳ୍ପ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ଜଙ୍ଗଲ ଓ ପରିବେଶ ସୁରକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କାର୍ଯ୍ୟଶୈଳି ଓ କାର୍ଯ୍ୟ ପରିଚାଳନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏତଦ୍‌ବ୍ୟତୀତ ତେଲେଙ୍ଗାନା ବିଧାନସଭାର କମିଟି ପରିଚାଳନା ଓ ବିଭାଗୀୟ ବଜେଟ୍ ତର୍ଜମା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଆଲୋଚନା କାଳରେ ବହୁ ଉପଯୋଗୀ ତଥ୍ୟ ଓ ପରାମର୍ଶ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରାଯାଇଥିଲା ।

# ଇଡି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ାଇଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ:**

କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରାହୁଲ ନବୀନଙ୍କ କାର୍ଯ୍ୟକାଳକୁ ଗୋଟିଏ ବର୍ଷ ପାଇଁ ବଢ଼ାଇଛନ୍ତି । ତାଙ୍କର ବର୍ତ୍ତମାନ କାର୍ଯ୍ୟକାଳ ଚଳିତ ଅଗଷ୍ଟ ୧୩ ଶେଷ ହେବାର ଥିଲା । ଏବେ ସେ ୨୦୨୭ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ହୋଇ ବଜାୟ ରହିବେ । ସରକାରୀ ଆଦେଶ ଅନୁଯାୟୀ, ଏହି ସମ୍ପ୍ରସାରଣ ତାଙ୍କର ଅବସର ତାରିଖ ୨୦୨୭ ଜୁଲାଇ ୩୧ ପରେ ମଧ୍ୟ ଲାଗୁ ରହିବ । ଏହା ପୂର୍ବରୁ ଯଦି କୌଣସି ନୂଆ ଆଦେଶ ଜାରି ହୁଏ, ତେବେ ତାଙ୍କ କାର୍ଯ୍ୟକାଳ ତାହା ପୂର୍ବରୁ ମଧ୍ୟ ଶେଷ ହୋଇପାରେ। ରାହୁଲ ନବୀନ



୧୯୯୩ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଏବଂ ସେ ଆୟକର ବିଭାଗ ସହ ଜଡ଼ିତ ଥିଲେ। ୫୯ ବର୍ଷୀୟ ରାହୁଲ ନବୀନ ୨୦୨୪ ଅଗଷ୍ଟ ୧୪ରୁ ଇଡି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେପ୍ଟେମ୍ବର ୨୦୨୩ରେ ତାଙ୍କୁ ଇଡିର କାର୍ଯ୍ୟକାରୀ ନିର୍ଦ୍ଦେଶକ କରାଯାଇଥିଲା । ଇଡି ହେଉଛି ଦେଶର ଅନ୍ୟତମ ପ୍ରମୁଖ ତଦନ୍ତକାରୀ ସଂସ୍ଥା, ଯାହା ଆର୍ଥିକ ଅପରାଧ ଏବଂ ଅର୍ଥ ହେରଫେର ସମ୍ବନ୍ଧୀୟ ମାମଲାର ତଦନ୍ତ କରିଥାଏ। ରାହୁଲ ନବୀନଙ୍କ କାର୍ଯ୍ୟକାଳ ମଧ୍ୟରେ ଇଡି ଅନେକ ଚର୍ଚ୍ଚିତ ମାମଲାରେ ତଦନ୍ତ ଆରମ୍ଭ କରିଛି । ଏଥିମଧ୍ୟରେ ଆଇ-ପିଏସି, ଅନିଲ ଅମ୍ବାନୀ ଗ୍ରୁପ୍ ଏବଂ କେତେକ ଅନଲାଇନ୍ ଗେମିଂ କମ୍ପାନି ସହ ଜଡ଼ିତ ମାମଲା ସାମିଲ ଅଛି । ଇଡି ରିଅଲ୍ ଇଷ୍ଟେଟ୍ କମ୍ପାନିଗୁଡ଼ିକ ଦ୍ୱାରା ଘର କ୍ରେତାଙ୍କ ସହ ହୋଇଥିବା ଠକେଇର ଅନେକ ମାମଲାରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅର୍ଥ ହେରଫେର ନିରୋଧୀ ଆଇନ (ପିଏମଏଲଏ) ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ସଂସ୍ଥା ପୀଡ଼ିତଙ୍କ ସମ୍ପତ୍ତି ଫେରସ୍ତ କରିବା ଦିଗରେ ମଧ୍ୟ କାର୍ଯ୍ୟ କରିଛି। ରାହୁଲ ନବୀନ ଆଇଆଇଟି କାନପୁରରୁ ବି.ଟେକ୍ ଏବଂ ଏମ.ଟେକ୍ କରିଛନ୍ତି। ସେ ଅଷ୍ଟ୍ରେଲିଆର ସ୍ୱିନବର୍ଣ୍ଣ ୟୁନିଭରସିଟି ଅଫ୍ ଟେକ୍ନୋଲୋଜିରୁ ଏମବିଏ ମଧ୍ୟ କରିଛନ୍ତି । ସେ ପ୍ରତ୍ୟକ୍ଷ କର, ଆନ୍ତର୍ଜାତୀୟ କର ଏବଂ ଟ୍ରାନ୍ସଫର ପ୍ରାଇସିଂ ଭଳି ବିଷୟଗୁଡ଼ିକ ଉପରେ କେତେକ ପୁସ୍ତକ ଓ ପ୍ରବନ୍ଧ ଲେଖିଛନ୍ତି। ଇଡି ଅର୍ଥ ହେରଫେର ନିରୋଧୀ ଆଇନ ଏବଂ ଭଗୋଡ଼ା ଆର୍ଥିକ ଅପରାଧୀ ଆଇନ ଅଧୀନରେ ଆର୍ଥିକ ଅପରାଧଗୁଡ଼ିକର ତଦନ୍ତ କରିଥାଏ। ବୈଦେଶିକ ମୁଦ୍ରା ପ୍ରବନ୍ଧନ ଆଇନ ଅଧୀନରେ ମଧ୍ୟ ଏହି ସଂସ୍ଥାକୁ ଅନେକ ଅଧିକାର ପ୍ରାପ୍ତ ହୋଇଛି।

# ସ୍ମାର୍ଟ ମିଟର ଲଗାଇ ରାଜ୍ୟବାସୀଙ୍କୁ ଶୋଷଣ କରୁଛି ବିଜେପି ସରକାର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଇଆରସିର ନିର୍ଦ୍ଦେଶ (ଭେଷ୍ଟିଂ ଅର୍ଡର) ମୁତାବକ ଟାଟା ପାୱାର ଓଡ଼ିଶାରେ ବିଜୁଳି ଶକ୍ତି ଭିତ୍ତିଭୂମିର ବିକାଶ କରିବା ପାଇଁ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାର ଥିଲା । ବର୍ତ୍ତମାନ ସୁଦ୍ଧା ଟାଟା ପାୱାର ଭିତ୍ତିଭୂମିର ବିକାଶ ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛି, ସେ ବାବଦରେ କୌଣସି ଅଡିଟ୍ ହୋଇନାହିଁ । ଉପଭୋକ୍ତାଙ୍କ ଉପରେ ପୂର୍ବରୁ ଥିବା ସମସ୍ତ ବକେୟାକୁ ଟାଟା ପାୱାର ଜୁଲମ କରି ଆଦାୟ କରୁଥିବାରୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ଅରୁଣ ସାହୁ କହିଥିଲେ ଯେ, ସ୍ମାର୍ଟ ମିଟର ପାଇଁ ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଅନୁଦାନ ଦେଇଛନ୍ତି । ତନ୍ମଧ୍ୟରୁ ୩୦୭ କୋଟି କମ୍ପାନୀ ଦ୍ୱାରା ପୂର୍ବରୁ ସ୍ଥାପିତ ହୋଇଥିବା ମିଟର ପାଇଁ ଏବଂ ୪୨୮ କୋଟି ଟଙ୍କା ନୂତନ ସ୍ମାର୍ଟ ମିଟର ସ୍ଥାପନ ନିମନ୍ତେ ଦିଆଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ପୂର୍ବରୁ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଥିବା ସ୍ମାର୍ଟ ମିଟରର ଖର୍ଚ୍ଚ ସରକାର ବହନ କଲେ ମଧ୍ୟ ଆଦାୟ କରାଯାଇଥିବା ଭଡା (ମିଟର ରେଣ୍ଟ) ଉପଭୋକ୍ତାଙ୍କୁ ଫେରାଯାଉ ନାହିଁ କାହିଁକି ? ୟୁପି, ଦିଲ୍ଲୀ ଓ କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟମାନଙ୍କରେ ସ୍ମାର୍ଟ ମିଟରର ମୂଲ୍ୟ ୩ ହଜାର ଟଙ୍କାରୁ କମ୍ ଥିଲା ବେଳେ ଓଡିଶାରେ ଏହା ୩,୯୯୩ ଟଙ୍କା ବୋଲି ବିତରଣ କମ୍ପାନୀ ଦର୍ଶାଇଛି । ରାଜ୍ୟ ସରକାର ସିଏଜି ଅଡିଟ୍ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ । ପ୍ରତ୍ୟେକ ବିତରଣ କମ୍ପାନୀର ରାଜସ୍ୱ ଆଦାୟ, ଭିତ୍ତିଭୂମି ବିକାଶ ନିମନ୍ତେ ଖର୍ଚ୍ଚ ତଥା ଲାଭ କ୍ଷତି ବାବଦରେ ବାର୍ଷିକ ରିପୋର୍ଟ ସାର୍ବଜନୀନ କରାଯାଉ । ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ । କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି ବାହାନାରେ ଟାଟା ପାୱାର ବିଜୁଳି ଦର ବୃଦ୍ଧି କରିବାକୁ ଓଇଆରସି ନିକଟରେ ଦାବି କରିଆସୁଛି ।ରାଜ୍ୟ ବାହାରର ଏଜେନ୍ସି ଜରିଆରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ସ୍ଥାନୀୟ ଯୁବକମାନଙ୍କୁ ଛଟେଇ କରାଯାଉଛି । ଏସ୍‌ଏଚ୍ଜିମାନଙ୍କୁ ବାହାର କରି ଅଣଓଡିଆ ଏଜେନ୍ସି ଜରିଆରେ, ମିଟର ରିଡିଙ୍ଗ୍, ବିଲିଂ, ବିଲ୍ ଆଦାୟ କରି ଏଥିରୁ ମଧ୍ୟ ଲାଭ ଗୋଟାଉଛି ଟାଟା ପାୱାର । ଉପଭୋକ୍ତାଙ୍କ ନିମନ୍ତେ ୧୯୧୨ ହେଲପଲାଇନ୍ ଥିଲେ ମଧ୍ୟ କୌଣସି ସେବା ମିଳୁ ନାହିଁ । ନିର୍ବାଚିତ ପ୍ରତିନିଧି ମାନଙ୍କ ଅଭିଯୋଗକୁ କୌଣସି ବିତରଣ କମ୍ପାନୀ ଗୁରୁତ୍ୱ ଦେଉନାହାନ୍ତି। ଏହିସବୁ ସମସ୍ୟା ପ୍ରତି ଆଖି ବୁଜିଦେଇ ରାଜ୍ୟ ବିଜେପି ସରକାର ଓ ଟାଟା ପାୱାର ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାରେ ଯଦି ପୂର୍ଣ୍ଣଚ୍ଛେଦ ନ ପଡ଼େ, ତେବେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ମୁଣ୍ଡ ଟେକିବ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଆରଙ୍ଗ ମହାନଦୀ - ଟିଟିଲାଗଡ ସେକ୍ସନ ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ ଆରଙ୍ଗ ମହାନଦୀ - ଟିଟିଲାଗଡ ସେକ୍ସନକୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଆରଙ୍ଗ ମହାନଦୀ, ମହାସମୁନ୍ଦ, ଖରିଆର ରୋଡ୍, ନୂଆପଡ଼ା ରୋଡ୍, ହରିଶଙ୍କର ରୋଡ୍, କଣ୍ଟାବାଞ୍ଜି ସମେତ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି




ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି । ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି । ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରର କୁଖ୍ୟାତ ଅପରାଧୀ ଗ୍ୟାଙ୍ଗକୁ ଗିରଫ କଲା ସୁବର୍ଣ୍ଣପୁର ଜିଲ୍ଲା ପୋଲିସ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ତରଭା ଥାନାର ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ତରଭା ଅଞ୍ଚଳରେ କିଛି ବାହାର ଅପରାଧୀ ଆସି ଡକାୟତି ଯୋଜନା ଓ ଉଦ୍ୟମ କରୁଥିବା ବିଷୟ ତରଭା ପୋଲିସ ସୂଚନା ପାଇ ସେମାନେ ଲୁଚିଥିବା ସ୍ଥାନରେ ଚଢ଼ଉ କରିଥିଲେ । ଘଟଣା ସ୍ଥଳରେ ପୋଲିସ ୩ ଜଣ ଅପରାଧୀଙ୍କୁ ଧରି ଥିବା ବେଳେ ତାଙ୍କ ପାଖରୁ ଖଣ୍ଡା ଛୁରୀ ବିଭିନ୍ନ ମାରଣାସ୍ତ୍ର ଓ ଲଙ୍କାଗୁଣ୍ଡ ପ୍ୟାକେଟ, ପ୍ଲାଷ୍ଟିକ ରସି, ବାଉଁଶ ବାଡି ଇତ୍ୟାଦି ଜବତ କରିଥିଲେ । ପୋଲିସ ଅଧିକ ପଚରା ଉଚରା କଲା ପରେ ଏମାନେ ଭୁବନେଶ୍ୱରରେ ଅନେକ ଅପରାଧିକ ମାମଲାରେ ଅଛନ୍ତି ଓ ଏମାନଙ୍କୁ ପୋଲିସ ଖୋଜୁଥିବା ଜଣାପଡ଼ିଛି । ଏମାନେ ସଂଗଠିତ ହୋଇ ପୁଷ୍ପା ଗ୍ୟାଙ୍ଗ ନାମକ କିଛି ଅପରାଧୀ ଭୁବନେଶ୍ୱର ପୂର୍ବରୁ ଅନେକ ମାମଲାରେ ଗିରଫ ହୋଇଛନ୍ତି। ସୋନପୁର ତରଭା ଥାନାରେ କେଶ୍ ରେଜିଷ୍ଟ୍ରେସନ୍ କରାଯାଇ ଧରାପଡ଼ିଥିବା ୩ ଜଣ ଅପରାଧୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଏସପି ନାରାୟଣ ନାଏକ ସୂଚନା ଦେଇଛନ୍ତି । ଗିରଫ ଅପରାଧୀଙ୍କ ମଧ୍ୟରୁ ମୁଖ୍ୟ ଅପରାଧୀ ପି. ରମୂଜ ରାଓ ଧଉଳୀଗିରି ଥାନା ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି ଓ ତାଙ୍କ ନାଁରେ ୧୩ରୁ ଅଧିକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଏହି ଅପରାଧରେ ଆଉ ଦୁଇ ଜଣ ସହଯୋଗୀ ପ୍ରତ୍ୟୁଷ ପ୍ରିୟାଂଶୁ ନାଏକ ଗିରଫ ହୋଇଥିବା ବେଳେ ଏହି ଘଟଣା ସହ ସାମିଲ ଥିବା ସୁବର୍ଣ୍ଣପୁର ଜିଲ୍ଲା ଶିବତୁଲା ଅଞ୍ଚଳର ଆଉ ଜଣେ ଯୁବକ ରଞ୍ଜନ ନାଏକ (ରାଜେଶ)ଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି ।।

**ପୂର୍ବ ତଟ ରେଳପଥ**

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କାଟ୍‌ଲଗ୍ ନଂ. SDCM-KUR-PKNG-8

**ଷ୍ଟେସନ ଏବଂ ସ୍ଥାନ :** (1) ବଡ଼ବନ୍ଧ (ଦୁଇ ଚକିଆ) (ପ୍ଲାଟଫର୍ମ-1 ନିକଟରେ), (2) ନିରାକାରପୁର- (ଦୁଇ ଚକିଆ) (ପ୍ଲାଟଫର୍ମ - 4 ପାର୍ଶ୍ୱରେ), (3) ତାଳଚେର- MIX (ଦୁଇ ଚକିଆ ଏବଂ ଚାରି ଚକିଆ) (ପରିଚାଳନା କ୍ଷେତ୍ର ନିକଟସ୍ଥ ତାଳଚେର (TLHR) ରେଳ ଷ୍ଟେସନ ବାହ୍ୟ ପାର୍ଶ୍ୱ ସ୍ଥାନରେ) ।

**ନିଲାମ ପ୍ରାରମ୍ଭ ହେବା ତାରିଖ ଓ ସମୟ :** ତା.20.08.2026 ରିଖ 1500 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ), ନିଲାମ ସମାପ୍ତ ହେବା ତାରିଖ ଓ ସମୟ: ତା.20.08.2026 ରିଖ 1530 ଘଟିକା (କ୍ରମ ସଂ. 1 ପାଇଁ), 1540 ଘଟିକା (କ୍ରମ ସଂ. 2 ପାଇଁ) ଏବଂ 1550 ଘଟିକା (କ୍ରମ ସଂ. 3 ପାଇଁ) ।

ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ:** ଗୋରଖନାଥ (ପ୍ରି-ଫାବ୍ରିକେଟେଡ୍) (ପରିଚାଳନ କ୍ଷେତ୍ରରେ) ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.20.08.2026ରିଖ 1200 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.20.08.2026 ରିଖ 1230 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-351/R/26-27

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗ୍ରିଷ୍ଟାକ...

ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି। ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି। ରବି ଋତୁ ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜିକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଭିଏଡବ୍ଲୁମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ। ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଦୁଇପ୍ରକାର ଚାଷୀଙ୍କୁ ପଞ୍ଜିକରଣ ପ୍ରାପ୍ତି ପତ୍ର ପ୍ରଦାନ କରାଯାଉଛି। ଆଗ୍ରିଷ୍ଟାକ ପଞ୍ଜିକୃତ ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ଓ ବିନା ଆଗ୍ରିଷ୍ଟାକ ପଞ୍ଜିକୃତ ପ୍ରାପ୍ତିପତ୍ର। ଉଭୟ ପଞ୍ଜିକରଣ ପ୍ରାପ୍ତି ପତ୍ର ବୈଧ । ରାଜ୍ୟର କୌଣସି ବି ଚାଷୀ ଯେପରି ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ।

## ଲୋକସଭାରେ...

ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ମୌସୁମୀ ଅଧିବେଶନ ଶେଷ ହେବାକୁ ଆଉ ଦୁଇ ଦିନ ବାକି ଥିବାବେଳେ ମହିଳା ସଂରକ୍ଷଣ, ସୀମା ପୁନଃ ନିର୍ଦ୍ଧାରଣ ଓ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକର ଭବିଷ୍ୟତ ଏବେ ବି ଅନିଶ୍ଚିତା ମଧ୍ୟରେ ରହିଛି।

## ରାଜ୍ୟସ୍ତରୀୟ...

କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଏନେଇ ସରକାରଙ୍କ ପକ୍ଷରୁ ଜିଲ୍ଲାୱାରୀ କାର୍ଯ୍ୟକ୍ରମ ଓ ଦାୟିତ୍ୱ ବଣ୍ଟନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ମନ୍ତ୍ରୀମାନେ ଯୋଗଦେଇ ପତାକା ଉତ୍ତୋଳନ କରିବେ। କଳାହାଣ୍ଡିରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ସୁନ୍ଦରଗଡ଼ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସେହିପରି କଟକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଅନୁଗୁଳରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମାଲକାନଗିରିରେ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ବଲପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଞ୍ଜାମରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ। ଏହାସହ କନ୍ଧମାଳରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଖୋର୍ଦ୍ଧାରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଏବଂ ବଲାଙ୍ଗୀରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ ପତାକା ଉତ୍ତୋଳନ କରିବେ। ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟେକ ଜିଲ୍ଲାରେ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦେଶପ୍ରେମର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ସୁରକ୍ଷା ବ୍ୟବସ୍ଥା ସହ ସମାରୋହକୁ ସୁଚାରୁ ଭାବେ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର କରାଯାଉଛି।

## ଡିଜି ପାହ୍ୟାକୁ ...

ବୈଠକରେ ବରିଷ୍ଠ ଆଇପିଏସ୍ ସୁଶାନ୍ତ କୁମାର ନାଥଙ୍କ ନାଁକୁ ଅଗଷ୍ଟ ୭ରେ ପ୍ୟାନେଲରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ଏହାକୁ ୨୪ଘଣ୍ଟା ନପୁରୁଣୁ ୧୯୯୪ ବ୍ୟାଚର ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ କୁମାର ପଣ୍ଡା ଓ ଯଶବନ୍ତ କୁମାର ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା ପାଇଁ ଆନୁଷ୍ଠାନିକ ଭାବେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରାଜ୍ୟରେ ମୋଟ ୪ଟି ମଞ୍ଜୁରୀପ୍ରାପ୍ତ ଡିଜି ପଦବୀ( ୨ଟି କ୍ୟାଡ଼ର ଓ ୨ଟି ଏକ୍ସକ୍ୟାଡ଼ର) ରହିଥିବାବେଳେ ୫ଜଣ ଅଫିସର ଏବେ ଡିଜି ପାହ୍ୟାରେ କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ଡିଜି ପାହ୍ୟାରେ ଥିବା ଶ୍ରୀ ଖୁରାନିଆ ଆପେକ୍ସ ସ୍କେଲ (ଲେଭଲ-୧୭)ରେ ରହିଥିବା ବେଳେ ଡିଜି ସ୍କେଲ (ଲେଭଲ-୧୬)ରେ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ, ବିନୟତୋଷ ମିଶ୍ର ଓ ଆରପି କୋଚେ କାର୍ଯ୍ୟ କରୁଛନ୍ତି। ଅଧିକ ସଂଖ୍ୟକ ଡିଜି ପଦବୀ ସୃଷ୍ଟି ନ କରିବାକୁ କେନ୍ଦ୍ର ସରକାରଙ୍କ ବାରମ୍ବାର ତାଗିଦ୍ ଯୋଗୁ ଡିଜି ପାହ୍ୟାକୁ ରାଜ୍ୟ ସରକାର କାହାରିକୁ ପଦୋନ୍ନତି ଦେଇପାରୁ ନଥିଲେ।

ସଞ୍ଜୀବ ଏବେ ନକ୍ସଲ ଦମନ ଅପରେସନର ଅତିରିକ୍ତ ଡିଜି ଓ ଯଶବନ୍ତ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏବେ ପଦୋନ୍ନତି ମିଳିଥିବାରୁ ୟୁପିଏସସି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ୩ଜଣିଆ ସମ୍ଭାବ୍ୟ ପ୍ୟାନେଲରେ ସୁଧାଂଶୁ ଷଡ଼ଙ୍ଗୀ, ଆରପି କୋଚେଙ୍କ ସହ ସଞ୍ଜୀବ ପଣ୍ଡାଙ୍କ ନାମ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଆସନ୍ତା ୧୬ତାରିଖରେ ୱାଇବି ଖୁରାନିଆ ଅବସର ନେବାର ଥିବାରୁ ଏହି ସମ୍ଭାବ୍ୟ ୩ଜଣଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟ ସରକାର ପରବର୍ତ୍ତୀ ପୁଲିସ ଡିଜି ଭାବେ ନିଯୁକ୍ତି ଦେବେ ବୋଲି ଜଣାପଡ଼ିଛି।

## ଋଷ ଉପରେ...

ଉପରେ ଆକ୍ରମଣ କରାଯାଇଥିଲା। ୨୦୨୪ରେ ଏହି ବିଶୋଧନାଗାର ପ୍ରାୟ ୧ କୋଟି ୭୦ ଲକ୍ଷ ଟନ୍ ଅଶୋଧିତ ତୈଳ ପ୍ରକ୍ରିୟାକରଣ କରିଥିଲା। ସେଥିରୁ ପ୍ରାୟ ୨୭ ଲକ୍ଷ ଟନ୍ ପେଟ୍ରୋଲ୍ ଓ ୮୫ ଲକ୍ଷ ଟନ୍ ଡିଜେଲ୍ ଉତ୍ପାଦନ ହୋଇଥିଲା ।ଏବେ ପୁଣି ଏକ ପ୍ରମୁଖ ରିଫାଇନାରୀକୁ ଟାର୍ଗେଟ୍ କରାଯାଇଥିବାରୁ ତାତାରସ୍ତାନ ଅଞ୍ଚଳରେ ଚିନ୍ତା ବଢ଼ିଛି। ଆକ୍ରମଣ ପରେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି ।ତେବେ ରିଫାଇନାରୀ ଉପରେ ସୋମବାର ହୋଇଥିବା ଡ୍ରୋନ୍ ଆକ୍ରମଣରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିନାହିଁ।

## ୟୁପିଆଇରେ...

କରାଯାଇଛି। ଏହି ବିଲ୍‌ରେ ଅଧିକ ବିଦେଶୀ ପୁଞ୍ଜି ହାସଲ କରିବା, ଘରୋଇ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପ୍ରୋତ୍ସାହିତ କରିବା ଓ ଭାରତୀୟ ଡାଟା ସେଣ୍ଟରକୁ ବ୍ୟବହାର କରିବା ପାଇଁ ବିଦେଶୀ କ୍ଲାଉଡ୍ କମ୍ପାନୀଗୁଡ଼ିକୁ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ଭାରତକୁ ଆସିବାକୁ ଚାହୁଁଥିବା ଫଣ୍ଡ ମ୍ୟାନେଜରମାନଙ୍କ ଲାଗି ରହିଥିବା କଠୋର ସର୍ତ୍ତଗୁଡ଼ିକୁ ମଧ୍ୟ ଏହି ବିଲ୍ ଜରିଆରେ କୋହଳ କରାଯାଇଛି।

## ବଜ୍ରପାତରେ ଜଣେ...

ଚାଷ କାମ କରୁଥିଲେ। ଆକାଶ ମେଘାଚ୍ଛନ୍ନ ହୋଇ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ଏହାପରେ ଦୁହେଁ ବିଲରୁ ଘରକୁ ଫେରୁଥିବା ବେଳେ ହଠାତ୍ ସେମାନଙ୍କ ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଦୁହେଁ ଅଚେତ ହୋଇ ପଡ଼ିଥିଲେ।

ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରଙ୍ଗାମାଟିଆସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଆସୁଛି ଆଉ ...

ଲଘୁଚାପ ଓ ଆଗକୁ ଆସୁଥିବା ଆଉ ଏକ ଲଘୁଚାପ ଯୋଗୁ ଆସନ୍ତା ୫ ଦିନ ଯାଏ ବର୍ଷାରୁ ନିସ୍ତାର ମିଳିବ ନାହିଁ ବୋଲି ମଧ୍ୟ ବିଭାଗ ଆଶଙ୍କା କରିଛି। ବଡ଼ ବର୍ଷାର ଆଶଙ୍କା ଥିବାରୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇପାରେ। ସେହିପରି ବନ୍ୟା ଦ୍ୱାରା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ସ୍ଥିତି ଆହୁରି ବିଗିଡ଼ିବାର ଆଶଙ୍କା ରହିଛି।

## ଲୋକଙ୍କ ସ୍ୱର...

ଅତ୍ୟାଚାର ଓ ଦେଶର ବିଭିନ୍ନ ସ୍ଥାନରେ ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଦଳଗୁଡ଼ିକ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରୁଛନ୍ତି। ଏହା ସହ ଅଯୋଧ୍ୟାର ରାମମନ୍ଦିର ପାଇଁ ସଂଗୃହୀତ ଦାନରେ ଅନିୟମିତତା ନେଇ ମଧ୍ୟ ଆଲୋଚନା ଦାବି କରାଯାଉଛି। ଏପର୍ଯ୍ୟନ୍ତ ଚଳିତ ଅଧିବେଶନରେ ଲୋକସଭା ୯ଟି ବିଲ୍ ପାରିତ କରିଥିବା ବେଳେ ମାତ୍ର ୨ଟି ବିଲ୍ ଉପରେ ଆଲୋଚନା ହୋଇଛି। ସୋମବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଛାତ୍ର ଆନ୍ଦୋଳନ ଓ ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ଲୋକସଭାରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି କହିଥିଲେ। ଗୃହମନ୍ତ୍ରୀ ଏହାର ଜବାବ ଦେବେ ବୋଲି ସେ କହିଥିଲେ। ବିରୋଧୀ ଦଳ ଆଲୋଚନା ସମୟରେ ହଟ୍ଟଗୋଳ ନକରି ଶାନ୍ତିପୂର୍ଣ୍ଣ ଭାବେ ଶୁଣିବାକୁ ନିଶ୍ଚିତ କରୁ ବୋଲି ରିଜିଜୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ଏହି ଆଶ୍ୱାସନା ସତ୍ତ୍ୱେ ବିରୋଧୀ ସାଂସଦଙ୍କ ହଟ୍ଟଗୋଳ ମଧ୍ୟରେ ଜାତୀୟ ଟ୍ରିବ୍ୟୁନାଲ କମିଶନ ଗଠନ ସମ୍ପର୍କିତ ବିଲ୍ ଆଲୋଚନା ବିନା ପାରିତ ହୋଇଛି।

ଭୁବନେଶ୍ୱର, ୧୧ ଅଗଷ୍ଟ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରାବଣର ଦ୍ୱିତୀୟ ସୋମବାର : ଶିବାଳୟରେ କାଉଡିଆଙ୍କ ଭିଡ଼

ଭୁବନେଶ୍ୱର, ୧୦/୦୮
ନ୍ୟୁଜ ବ୍ୟୁରୋ



ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଜଳାଭିଷେକ ଲାଗି ଶିବାଳୟରେ ରାତିରୁ ଲାଗିଥିଲା କାଉଡ଼ିଆଙ୍କ ଧାଡ଼ି । ଶ୍ରୀଲିଙ୍ଗରାଜ, ଶ୍ରୀଲୋକନାଥ ପୀଠ ସମେତ ରାଜ୍ୟର ପ୍ରମୁଖ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏକାମ୍ର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ରାତିରୁ ଲାଗିଥିଲା କାଉଡିଆଙ୍କ ଲମ୍ବା ଧାଡ଼ି । ସେହିପରି ଭୋଗରାଇ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଜଳାଭିଷେକ କରିଛନ୍ତି ଲକ୍ଷାଧିକ କାଉଡ଼ିଆ। ଭୋର ୪ ଟାରୁ ବାବାଙ୍କ ଦ୍ୱାରଫିଟା ନୀତିକାନ୍ତି ପରେ ଜଳାଭିଷେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୟାଗଡର ପ୍ରସିଦ୍ଧ ଶୈବକ୍ଷେତ୍ର ଲଡୁବାବାଙ୍କ ପୀଠରେ ଶହ ଶହ କାଉଡିଆ ଜଳଲାଗି କରିଛନ୍ତି । ରାତି ୩ଟାରେ ମନ୍ଦିର ଖୋଲାଯିବା ପରେ ଠାକୁରଙ୍କ ନିତୀକାନ୍ତି କରାଯାଇ ୪ଟା ରାତିରୁ ଜଳଲାଗି ଆରମ୍ଭ ହୋଇଥିଲା। କାଉଡିଆମାନେ କଣ୍ଟିଲୋ, କଟକ ଓ ରାଜ୍ୟର ବିଭିନ୍ନ ନଦୀରୁ ପାଣି ଆଣି ମାନସିକ ପୂରଣ ପାଇଁ ଲଡୁବାବାଙ୍କ ମସ୍ତକରେ ଜଳଲାଗି କରିଛନ୍ତି । ସୋମବାର ସବୁ ଶିବାଳୟଗୁଡ଼ିକରେ ଅସମ୍ଭାଳ ଭିଡ଼କୁ ଦୃଷ୍ଟିରେ ରଖି କାଉଡ଼ିଆଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ସେପଟେ ମାସ ଦ୍ୱିତୀୟ ସୋମବାର ପାଇଁ ଚଳଚଞ୍ଚଳ ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ। ରାତ୍ର ୪ଟାରୁ ପହଡ ଖୋଲାଯାଇ ୧୦୮ ସୁବାସିତ ଜଳରେ ବାବା ଧବଳେଶ୍ୱରଙ୍କୁ ସ୍ନାନ ପରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇ ସାଧାରଣ ଦର୍ଶନ ନିମନ୍ତେ ଦ୍ୱାରା ଫିଟାଯାଇଥିଲା। ବଡ଼ ସିଂହାର ବେଶରେ ଦର୍ଶନ ଦେଇଥିଲେ ବାବା ଧବଳେଶ୍ୱର। ରାଜ୍ୟର କୋଣ ଅନୁକୋଣରୁ କାଉଡିଆ ଶ୍ରଦ୍ଧାଳୁମାନେ ଛୁଟି ଆସିଥିଲେ ଏହି ପବିତ୍ର ପୀଠକୁ।

# ବାରମ୍ବାର ଚିଠି ସତ୍ତ୍ୱେ ଶୁଣୁନି ଇସ୍କନ : ପୁଣି ଅଦିନରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା

ଭୁବନେଶ୍ୱର,୧୦/୮
ନ୍ୟୁଜ ବ୍ୟୁରୋ

ବିଦେଶ ମାଟିରେ ପୁଣି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଅବମାନନା କରିଛି ଇସ୍କନ। ଆମେରିକା କାଲିଫର୍ନିଆର ବର୍କଲି ଅଞ୍ଚଳରେ ଥିବା ସର୍ବ ପୁରାତନ ଇସ୍କନ୍ ମନ୍ଦିରରେ ସୋମବାର ଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଛି। ଆସନ୍ତା ଅଗଷ୍ଟ ୨୩ ତାରିଖ ରବିବାର ଦିନ ରଥଯାତ୍ରା ଆୟୋଜନ କରାଯିବ। ବାରମ୍ବାର ଚିଠି ସତ୍ତ୍ୱେ ଶୁଣୁନି ଇସ୍କନ। ଅତିଥିରେ ମହାପ୍ରଭୁଙ୍କର ସ୍ନାନ ଯାତ୍ରା କରୁଥିବା ବେଳେ ଅଦିନରେ କରିବ ରଥଯାତ୍ରା । ଯାହା ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଉଛି । ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବ ଏନେଇ ଆପତ୍ତି ଉଠାଇବା ସହ ଚିଠି ମଧ୍ୟ କରିଥିଲେ। ଏହାକୁ ଖାତିର ନକରି ଇସ୍କନ ନିଜର ମନମାନୀ ଚଳାଇ ଆସୁଛି । କଥା କେବଳ ଏତିକିରେ ଅଟକିନି ବାରମ୍ବାର ପ୍ରୟାସ ସତ୍ତ୍ୱେ ଫଳ ନମିଳିବାରୁ ଏନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଚିଠି କରାଯାଇଛି। ଇସ୍କନ୍‌ର ପ୍ରତିଷ୍ଠାତା ଆଚାର୍ଯ୍ୟ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ବିଦେଶ ମାଟିରେ ସର୍ବପ୍ରଥମ ସାନ୍ ଫ୍ରାନ୍‌ସିସ୍କୋ ସହରରେ ୧୯୬୭ମସିହାରେ ରଥଯାତ୍ରା ଆୟୋଜନ କରିଥିଲେ । ଯାହାକି ପୁରୀ ମନ୍ଦିରର ତିଥି ଅନୁସାରେ ଆୟୋଜନ କରାଯାଇଥିଲା। ଗତ ୪ ଜୁଲାଇ ୨୦୨୬ରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଇସ୍କନ ଗଭର୍ଣ୍ଣିଂ ବଡି କମିଶନ ଅଧ୍ୟକ୍ଷ ମଧୁସେବିତ ଦାସଙ୍କୁ ଏକ ଜରୁରୀ ପତ୍ର ଲେଖିଥିଲେ । ଏଥିରେ ସେ ୧୯ ଅକ୍ଟୋବର ୨୦୨୫ର ଜିବିସି ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ, ଯେଉଁଥିରେ ବିଦେଶରେ ମନଇଚ୍ଛା ତାରିଖରେ ଅଦିନିଆ ରଥଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ୭ ଜୁଲାଇ ୨୦୨୬ରେ ଇସ୍କନ ଅଧ୍ୟକ୍ଷ ମଧୁସେବିତ ଦାସ ଏକ ଇମେଲ୍ ଜରିଆରେ ଗଜପତିଙ୍କ ଏହି ଆବେଦନକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଥିଲେ। ଏହାକୁ ନେଇ ଇସ୍କନକୁ ବିରୋଧ କରି ଅନେକ ରାଲି ମଧ୍ୟ ହୋଇଥିଲା। ଏପରିକି ରଥଯାତ୍ରା ସମୟରେ ପୁରୀକୁ ଇସ୍କନ ଶ୍ରଦ୍ଧାଳୁଙ୍କୁ ପୁରେଇ ନଦେବାକୁ ଚେତାବନୀ ମଧ୍ୟ ଦିଆଯାଇଥିଲା । ତଥାପି ଇସ୍କନ ଶୁଣିବାକୁ ନାରାଜ। ଜଗନ୍ନାଥ ପ୍ରେମୀ, ସେବାୟତ ମଧ୍ୟ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସରକାର ଏଥିପ୍ରତି କି ପଦକ୍ଷେପ ନେଉଛନ୍ତି ତାକୁ ଅପେକ୍ଷା ।



## କିମ୍‌ସରେ ଅସ୍ଥି ଓ ଗଣ୍ଠି ସପ୍ତାହ ପାଳିତ

# ‘ସୁସ୍ଥ ଅସ୍ଥି, ସୁସ୍ଥ ଗଣ୍ଠି ହିଁ ଉନ୍ନତ ଜୀବନର ଆଧାର’

ଭୁବନେଶ୍ୱର, ୧୦/୦୮
ନ୍ୟୁଜ ବ୍ୟୁରୋ



‘ସୁସ୍ଥ ଅସ୍ଥି, ସୁସ୍ଥ ଗଣ୍ଠି ହିଁ ଉନ୍ନତ ଜୀବନର ଆଧାର – ସୁଦୃଢ଼ ଭାରତ’ ବିଷୟବସ୍ତୁକୁ ନେଇ କିମ୍‌ସ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଅଗଷ୍ଟ ୩ରୁ ୮ ତାରିଖ ପର୍ଯ୍ୟନ୍ତ ୧୫ତମ ଅସ୍ଥି ଓ ଗଣ୍ଠି ସପ୍ତାହ ପାଳିତ ହୋଇଯାଇଛି । ଇଣ୍ଡିଆନ୍ ଅର୍ଥୋପେଡିକ୍ ଆସୋସିଏସନ୍ ଏବଂ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ଆହ୍ୱାନ କ୍ରମେ ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କିମ୍‌ସରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଏଥିରେ ଶିଶୁମାନଙ୍କର ବିକାଶଜନିତ ବିକୃତି ଚିହ୍ନଟ ପାଇଁ ସ୍କ୍ରିନିଂ, ଅଷ୍ଟିଓପୋରୋସିସ୍ ବା ଅସ୍ଥିକ୍ଷୟ ଚିହ୍ନଟ, ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ପଡ଼ିଯିବା ରୋକିବା, ପିଠି ଯନ୍ତ୍ରଣା ଏଡ଼ାଇବା ପାଇଁ ସଠିକ୍ ଶାରୀରିକ ଭଙ୍ଗୀ ବଜାୟ ରଖିବା ଏବଂ କାର୍ଯ୍ୟସ୍ଥଳ ଓ ରାସ୍ତାରେ ଆଘାତଜନିତ ଦୁର୍ଘଟଣାକୁ ରୋକିବା ଭଳି ବିଭିନ୍ନ ବିଷୟ ସାମିଲ ଥିଲା । ଉତ୍ତମ ରୋଗୀସେବା ପାଇଁ ଡାକ୍ତରମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାର ଗୁରୁତ୍ୱ ଉପରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା । ଅଗଷ୍ଟ ୫ ଓ ୬ ତାରିଖରେ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ସଭାପତି ଡା. ବସନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଡା. ଦିବ୍ୟ ସାହୁ ଏବଂ ଡା. ବିଭୁଦତ୍ତ ସାହୁଙ୍କୁ ନେଇ ଗଠିତ ଏକ ଟିମ୍ କିସ୍ ପରିଦର୍ଶନ କରିଥିଲେ । ସେଠାରେ ମୋଟ ୧,୨୩୫ ଜଣ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅଗଷ୍ଟ ୬ ତାରିଖରେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ମାନସିକ ଚାପ ପରିଚାଳନା ଓ ସାମଗ୍ରିକ ସୁସ୍ଥତା ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। କିମ୍‌ସ ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଡା. ଦେବାଶିଷ ମିଶ୍ର, ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ସଂପାଦକ ଡା. ସତ୍ୟ ପାତ୍ର ଏବଂ ମନସ୍ତତ୍ତ୍ୱ ବିଶେଷଜ୍ଞ ଡା. ପାତ୍ରଜୋଶୀ ଏଥିରେ ବକ୍ତବ୍ୟ ରଖିଥିଲେ। ସେହିପରି ପ୍ରାୟ ୭୦ ଜଣ ବରିଷ୍ଠ ନାଗରିକ ଓ ରୋଗୀଙ୍କ ସହାୟକଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ଡା. ଅମ୍ଳାନ ଦାସ ଘରେ ପଡ଼ିଯିବା ଭଳି ଦୁର୍ଘଟଣାକୁ ରୋକିବା ସହ ପିଠି ସମ୍ବନ୍ଧୀୟ ସମସ୍ୟା ଏଡ଼ାଇବା ପାଇଁ ସଠିକ୍ ଶାରୀରିକ ଭଙ୍ଗୀ ବଜାୟ ରଖିବା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଅଗଷ୍ଟ ୭ ତାରିଖରେ କିମ୍‌ସ ଅସ୍ଥିଶଲ୍ୟ ବିଭାଗ ବହିର୍ବିଭାଗରେ ଏକ ମାଗଣା ବୋନ୍ ମିନେରାଲ୍ ଡେନ୍‌ସିଟି ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ପ୍ରାୟ ୮୦ ଜଣଙ୍କର ଶରୀର ପରୀକ୍ଷା କରାଯାଇ ଅସ୍ଥିକ୍ଷୟ ରୋଗକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବାର ସୁଯୋଗ ମିଳିଥିଲା

## ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବାକୁ ନବନିଯୁକ୍ତଙ୍କୁ ଦେଲେ ପରାମର୍ଶ

ଭୁବନେଶ୍ୱର,୧୦/୦୮
ନ୍ୟୁଜ ବ୍ୟୁରୋ




ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତ୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ସୋମବାର ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ ଓଏଚ୍‌ପିସିରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରୀକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରୀକ୍ଷକଙ୍କୁ ନିଯୁକ୍ତି ମିଳିଛି । ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକଙ୍କ ପାଖରେ ସମସ୍ତ ସରକାରୀ ସୁବିଧା ପହଞ୍ଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ୨୦୨୪ ଜୁନ୍ ମାସରୁ ବର୍ତ୍ତମାନ ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ କର୍ମକ୍ଷେତ୍ରରେ ନିଷ୍ଠା ଓ ସଚ୍ଚୋଟତାର ସହ କାମ କରି ପରିବାର ପାଇଁ ସୁନାମ ଆଣିବା ସହିତ ରାଜ୍ୟର ଉନ୍ନତିରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ମାନବ ସେବା ହିଁ ମାଧବ ସେବା, ଏହା ଆମର ଧର୍ମ ଅଟେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନବନିଯୁକ୍ତଙ୍କ ମଧ୍ୟରୁ ଗୃହ ଓ ନଗର ଉନ୍ନୟନ ବିଭାଗର ତୁଷାରକାନ୍ତ ପଟ୍ଟନାୟକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଇପ୍ସିତା ମହାନ୍ତି, ଓଏଚ୍‌ପିସିର କନିକା ନିର୍ଝରିଣୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରତ୍ୟୁଷ ପଣ୍ଡା ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ସତ୍ୟ ପ୍ରକାଶ ଜେନା ସ୍ୱଚ୍ଛତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଓ ଧନ୍ୟବାଦ ଜଣାଇ ସମସ୍ତେ ସତ୍ୟ ନିଷ୍ଠା ଓ ସେବା ମନୋବୃତ୍ତି ନେଇ କାମ କରିବେ ବୋଲି ସେ କହିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ, ୧୦/୦୮
ନ୍ୟୁଜ ବ୍ୟୁରୋ

ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ବ୍ୟୁରୋ ୟୁନିଟ-୧ (ଫ୍ଲାଇଂ ୟୁନିଟ) କଟକ ସୋମବାର ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି । ଏହି ମାମଲାରେ ଜଣେ ଯୁବକକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା, ଅନୁଗୁଳ ଜିଲ୍ଲା ନାଲ୍‌କୋ ନଗର ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ଅଞ୍ଚଳର ସିପୁ ବେହେରା (୩୨)। ଅଭିଯୁକ୍ତ ସିପୁକୁ ଅବକାରୀ ବିଭାଗ ପକ୍ଷରୁ ସୋମବାର କୋର୍ଟ ଚାଲାଣ କରଯାଇଛି । ଜାମିନ ନାମଞ୍ଜୁର ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ନିକଟରୁ ୨୭୫ ଗ୍ରାମ୍ ବ୍ରାଉନସୁଗ୍‌ର ଜବତ କରାଯାଇଛି । ଯାହାର ଆନୁମାନିକ ବଜାର ମୂଲ୍ୟ ୨୭.୫୦ ଲକ୍ଷ ଟଙ୍କା। ଏନେଇ ଅବକାରୀ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଅବକାରୀ ବିଭାଗର ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବର ପାଇ ଢେଙ୍କାନାଳ ଟାଉନ ଥାନା ଅଧିନ ମହିଷାପାଟ ଛକ ଜାତୀୟ ରାଜପଥ-୫୫ ଠାରେ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରି ଅଭିଯୁକ୍ତ ସିପୁ ବେହେରାକୁ କାବୁ କରାଯାଇଥିଲା। ଅବକାରୀ ଅଧୀକ୍ଷକ ସମରଜିତ ଦାସଙ୍କ ନିର୍ଦ୍ଦେଶରେ ଏବଂ ଉପ ଅବକାରୀ ଅଧୀକ୍ଷକ ରୋଶନ ଇସୁ ହଂସଦାଙ୍କ ସିଧାସଳଖ ତଦାରଖରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ର ସଦସ୍ୟ ଭାବେ ସବ୍-ଇନ୍ସପେକ୍ଟର ବଳବୀର ଗଡନାୟକ, ସହାୟକ ସବ୍-ଇନ୍ସପେକ୍ଟର କିଶୋର କୁମାର ରାଉତ, କନଷ୍ଟେବଲ୍ ରଞ୍ଜିତ ସାହୁ, କନଷ୍ଟେବଲ୍ ଶିବାନନ୍ଦ ଷଡଙ୍ଗୀ, କନଷ୍ଟେବଲ୍ ସୁମିତ କୁମାର ନାଏକଙ୍କ ମିଳିତ ସହଯୋଗରେ ଏହି ଚଢ଼ଉ କରାଯାଇ ଅଭିଯୁକ୍ତକୁ କାବୁ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୦/୦୮/୨୦୨୬
୬,୩୮,୬୧୯/- ଟଙ୍କା
ସୁନା:- ୦୪ ଗ୍ରାମ୍ ୮୫୦ମିଲିଗ୍ରାମ
ରୂପା:- ୬୭ ଗ୍ରାମ୍ ୯୦୦ମିଲିଗ୍ରାମ୍

## ଶିମିଳିପାଳରେ ବାଘ ବଂଶ ବିସ୍ତାର ଚିନ୍ତା ବଢ଼ିଲା

# ମଧ୍ୟ-ଭାରତରୁ ଆସିବେ ବାଘ-ବାଘୁଣୀ

ଭୁବନେଶ୍ୱର, ୧୦/୦୮ ନ୍ୟୁଜ ବ୍ୟୁରୋ

ଶିମିଳିପାଳରେ ୫ ବର୍ଷୀୟା ବାଘୁଣୀ (ମେଲେନାଷ୍ଟିକ ପ୍ରଜାତି)ର ମୃତ୍ୟୁ ପରେ ବ୍ୟାଘ୍ର ସ୍ଥାନାନ୍ତର ଯୋଜନା ପାଇଁ ପୁଣି ତତ୍ପର ହୋଇଛି ବନ ବିଭାଗ । ବାହାର ରାଜ୍ୟରୁ ଓଡ଼ିଶାକୁ ମହାବଳ ବାଘ ଆଣିବାକୁ ଅଣ୍ଟା ଭିଡ଼ିଛି । ମଧ୍ୟ ଭାରତରୁ ଗୋଟିଏ ପୁରୁଷ ଓ ଗୋଟିଏ ମାଈ ବାଘଙ୍କୁ ସ୍ଥାନାନ୍ତର କରିବା ପାଇଁ ଅନୁମୋଦନ ମାଗିଛି । ଯଦି ସବୁ କିଛି ଠିକ୍‌ଠାକ୍ ରୁହେ, ତେବେ ଆଉ ମାସେ କି ଦୁଇମାସ ଭିତରେ ଶିମିଳିପାଳ ଜଙ୍ଗଲ ପାଇବ ୨ ଅଣ ଓଡ଼ିଆ ମହାବଳ ।
ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ, କଳା ବାଘ ବଂଶ ହ୍ରାସ କମାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଉଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ ଶିମିଳିପାଳ ସହ ସାତକୋଶିଆକୁ ବାଘ ଆଣିବା ପାଇଁ ଅନୁମତି ମିଳିସାରିଛି । କିଛି ମାସ ତଳୁ ଏନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଏବେ ବି ଝୁଲିକି ଅଛି । ସରକାରଙ୍କ ଗ୍ରୀନ ସିଗନାଲ ମିଳିବା ପରେ ଶିମିଳିପାଳରେ ବାଘ ସ୍ଥାନାନ୍ତରର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଫର୍ଦ୍ଦ ଖୋଲିବ । ଓଡ଼ିଶାରୁ ଏକ ସ୍ୱତନ୍ତ୍ର ଟିମ୍ ଖୁବ୍‌ଶୀଘ୍ର ମଧ୍ୟ ଭାରତ ଲ୍ୟାଣ୍ଡସ୍କେପ୍‌କୁ ଯାତ୍ରା କରିବ । ମହାରାଷ୍ଟ୍ରର ତାଡ଼ୋଭା-ଅନ୍ଧାରୀ ହେଉ ଅବା ମଧ୍ୟପ୍ରଦେଶର କାହ୍ନା ଓ ବାନ୍ଧବଗଡ଼ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଓଡ଼ିଶା ପାଣିପାଗ ସହ ଖାପ ଖୁଆଇବା ଭଳି ବାଘ ଓ ବାଘୁଣୀଙ୍କୁ ଖୋଜାଯିବ। ସୂଚନାଯୋଗ୍ୟ, ୨୦୨୪ ଶେଷ ବେଳକୁ ମହାରାଷ୍ଟ୍ରର ତାଡ଼ୋବା-ଆନ୍ଧାରୀରୁ ଦୁଇଟି ମାଈ ବାଘ ଜିନତ୍ ଓ ଯମୁନା ଶିମିଳିପାଳକୁ ଅଣାଯାଇଥିଲା। ଅବଶ୍ୟ ଜିନତର ୪ଟି ଶାବକ ଏବେ ଶିମିଳିପାଳ ବାସିନ୍ଦା ହେଲେଣି । ତଥାପି ଇନ୍ ବ୍ରିଡ଼ିଂ ଯୋଗୁଁ ଶିମିଳିପାଳରେ କଳା ବାଘ (ମେଲେନାଷ୍ଟିକ୍) ସଂଖ୍ୟା କ୍ରମାଗତ ବଢ଼ିଚାଲିଛି । ଏହି ସଂଖ୍ୟା କମାଇବା ଲକ୍ଷ୍ୟରେ ଆହୁରି ୨ଟି ବାଘ ଆଣିବାକୁ ଯୋଜନା ରଖାଯାଇଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଡିପିଡିପି ଆଇନକୁ ନେଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ : କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୦/୦୮



ଡିଜିଟାଲ୍ ପର୍ସୋନାଲ୍ ଡାଟା ପ୍ରୋଟେକ୍ସନ୍ ଆଇନ ମାଧ୍ୟମରେ ସୂଚନା ଅଧିକାର ଆଇନରେ କରାଯାଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଏହା ସହ ଅଦାଲତ କହିଛନ୍ତି ଯେ, ଆରଟିଆଇ ଆଇନ ଓ ଡିପିଡିପି ଆଇନ ଉଭୟ କେନ୍ଦ୍ରୀୟ ଆଇନ ହୋଇଥିବାରୁ ସେଗୁଡ଼ିକୁ ପରସ୍ପର ସମନ୍ୱୟ କରିବା ଆବଶ୍ୟକ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୃନ୍ଦା ଗ୍ରୋଭର ଓ ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତି ଶୁଣିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ୍ ତୁଷାର ମେହେଟାଙ୍କୁ ସରକାରଙ୍କ ଜବାବ ଦାଖଲ କରିବାକୁ କହିଥିଲେ। ଆବେଦନ ଗୁଡ଼ିକରେ କୁହାଯାଇଛି ଯେ, ବ୍ୟକ୍ତିଗତ ସୂଚନା ପ୍ରକାଶ ପାଇଁ ଥିବା ‘ବୃହତ୍ତର ଜନସ୍ୱାର୍ଥ’ ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯାଇଥିବାରୁ ସ୍ୱଚ୍ଛତା ବ୍ୟବସ୍ଥା ଦୁର୍ବଳ ହୋଇଛି। ପୂର୍ବରୁ ଆରଟିଆଇ ଆଇନର ଧାରା ୮(୧) ଅନୁଯାୟୀ, ବ୍ୟକ୍ତିଗତ ସୂଚନାର କୌଣସି ସାର୍ବଜନିକ କାର୍ଯ୍ୟକଳାପ କିମ୍ବା ଜନସ୍ୱାର୍ଥ ସହ ସମ୍ପର୍କ ନଥିଲେ ତାହାକୁ ପ୍ରକାଶରୁ ଛାଡ଼ ଦିଆଯାଉଥିଲା। କିନ୍ତୁ ବୃହତ୍ତର ଜନସ୍ୱାର୍ଥ ଥିଲେ ସେହି ସୂଚନା ପ୍ରକାଶ କରାଯାଇପାରୁଥିଲା। ଜଣେ ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବୃନ୍ଦା ଗ୍ରୋଭର କହିଥିଲେ ଯେ, ବାସ୍ତବରେ ଏହି ମାମଲା ଆରଟିଆଇ ଆଇନର ଧାରା ୮(୧)ର ସଂଶୋଧନକୁ ଚ୍ୟାଲେଞ୍ଜ କରୁଛି। ପୂର୍ବରୁ କେଉଁ ପ୍ରକାରର ବ୍ୟକ୍ତିଗତ ସୂଚନାକୁ ଅଟକାଯାଇପାରିବ, ସେଥିପାଇଁ ଆଇନରେ ସୁରକ୍ଷା ବ୍ୟବସ୍ଥା ଥିଲା। ବର୍ତ୍ତମାନ ସେହି ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଏହାର ଉତ୍ତରରେ ଖଣ୍ଡପୀଠ କହିଥିଲେ ଯେ, ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟର କେଉଁ ପ୍ରକାରକୁ ସୁରକ୍ଷା ଦିଆଯିବ, ସେନେଇ କିଛି ସନ୍ତୁଳନ ଆବଶ୍ୟକ ବୋଲି ଅଦାଲତ ପୂର୍ବରୁ ମଧ୍ୟ କହିସାରିଛନ୍ତି। ଅନ୍ୟ ଜଣେ ଆଇନଜୀବୀ ଯୁକ୍ତି ରଖିଥିଲେ ଯେ, ଡିପିଡିପି ଆଇନ ସାମ୍ବାଦିକମାନଙ୍କୁ କୌଣସି ଛାଡ଼ ଦେଉନାହିଁ। ଜଣେ ସାମ୍ବାଦିକ କୌଣସି ଖବର ପ୍ରକାଶ କରିବାକୁ ଚାହିଁଲେ ତାଙ୍କୁ ସମ୍ପୃକ୍ତ ‘ଡାଟା ପ୍ରିନ୍‌ସିପାଲ୍’ଙ୍କ ସମ୍ମତି ନେବାକୁ ପଡ଼ିବ। ପରେ ଯଦି ସେହି ବ୍ୟକ୍ତି ତଥ୍ୟ ମିଟାଇବାକୁ ଚାହିଁବେ, ତେବେ ସେହି ତଥ୍ୟକୁ ମିଟାଇବାକୁ ହେବ। ସେ ଯୁକ୍ତି ବଢ଼ାଇ କହିଥିଲେ ଯେ, ଏହାର ସିଧାସଳଖ ପ୍ରଭାବ ଅନୁସନ୍ଧାନମୂଳକ ସାମ୍ବାଦିକତା ଉପରେ ପଡ଼ିବ। ଏହାର ଉତ୍ତରରେ ଖଣ୍ଡପୀଠ ପଚାରିଥିଲେ, ଏଭଳି କ୍ଷେତ୍ରରେ ବ୍ୟକ୍ତିଗତ ଗୋପନୀୟତା କିପରି ସୁରକ୍ଷିତ ରହିବ ପ୍ରଶାନ୍ତ ଭୂଷଣ ପୂର୍ବତନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଓ ଏନ୍.ଭି. ରମଣାଙ୍କ ରାୟର ଉଲ୍ଲେଖ କରି କହିଥିଲେ ଯେ, ଅଦାଲତ ସେତେବେଳେ ସମ୍ବିଧାନର ଅନୁଚ୍ଛେଦ ୧୯(୧) (କ) ଅନୁଯାୟୀ ସୂଚନା ଜାଣିବାର ଅଧିକାର ଏବଂ ଗୋପନୀୟତାର ଅଧିକାର ଉଭୟକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେଇଥିଲେ। ଏହାସହ ଆରଟିଆଇ ଆଇନ ଏହି ଦୁଇ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିଥିଲା। ଭୂଷଣ କହିଥିଲେ, ଜନସାଧାରଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସାର୍ବଜନିକ ବିଷୟ ସମ୍ପର୍କରେ ଜାଣିବାର ଅଧିକାର ହେଉଛି ଏକ ମୌଳିକ ଅଧିକାର। ସେହିପରି ଗୋପନୀୟତା ମଧ୍ୟ ଏକ ମୌଳିକ ଅଧିକାର। କିନ୍ତୁ ମୂଳ ଆରଟିଆଇ ଆଇନରେ ଏହି ଦୁଇଟି ମଧ୍ୟରେ ସୁନ୍ଦର ଭାବେ ସନ୍ତୁଳନ ରଖାଯାଇଥିଲା। ଯେଉଁ ବ୍ୟକ୍ତିଗତ ସୂଚନାର ସାର୍ବଜନିକ କାର୍ଯ୍ୟକଳାପ କିମ୍ବା ଜନସ୍ୱାର୍ଥ ସହ କୌଣସି ସମ୍ପର୍କ ନଥାଏ ଏବଂ ଯାହା ପ୍ରକାଶ ପାଇଲେ ଅନାବଶ୍ୟକ ଭାବେ ଗୋପନୀୟତାରେ ହସ୍ତକ୍ଷେପ ହେବ, କେବଳ ସେହି ସୂଚନାକୁ ସୁରକ୍ଷା ଦିଆଯାଉଥିଲା। ବର୍ତ୍ତମାନ ସମସ୍ତ ବ୍ୟକ୍ତିଗତ ସୂଚନାକୁ ଛାଡ଼ ବର୍ଗରେ ରଖାଯାଇଛି। ଆମର ଆପତ୍ତି ହେଉଛି ଡିପିଡିପି ଆଇନ ମାଧ୍ୟମରେ ଆରଟିଆଇ ଆଇନରେ କରାଯାଇଥିବା ଏହି ସଂଶୋଧନ ଉପରେ। ଭୂଷଣ ଉଦାହରଣ ଦେଇ କହିଥିଲେ, “ଜଣେ ଅଧିକାରୀଙ୍କ ବିରୋଧରେ କେଉଁ କେଉଁ ଚାର୍ଜସିଟ୍ ବିଚାରାଧୀନ ଅଛି, ସେହି ସୂଚନା ମଧ୍ୟ ମିଳିବ ନାହିଁ। କଲ୍ୟାଣକାରୀ ଯୋଜନା କିମ୍ବା ରାସନ କାର୍ଡ ସମ୍ପର୍କିତ ସୂଚନା ମଧ୍ୟ ଦିଆଯିବ ନାହିଁ।” ଏହାର ଉତ୍ତରରେ ସଲିସିଟର ଜେନେରାଲ୍ ତୁଷାର ମେହେଟା କହିଥିଲେ ଯେ, ସରକାର ତାହାର ଜବାବ ଦାଖଲ କରିବ। ପ୍ରଶାନ୍ତ ଭୂଷଣ ଯେପରି ଚିତ୍ରଣ କରୁଛନ୍ତି, ବାସ୍ତବ ସ୍ଥିତି ସେପରି ନୁହେଁ। ବିଧାନମଣ୍ଡଳ ଏଠାରେ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିଛି। ସେ ତିନି ସପ୍ତାହ ମଧ୍ୟରେ ସରକାରଙ୍କ ଜବାବ ଦାଖଲ କରିବେ। ଖଣ୍ଡପୀଠ ମେହେଟାଙ୍କୁ ପଚାରିଥିଲେ ଯେ, ଡିଜିଟାଲ୍ ତଥ୍ୟ ଓ ଅନ୍ୟ ପ୍ରକାରର ତଥ୍ୟ ମଧ୍ୟରେ ଅପବାଦ ସୃଷ୍ଟି କରିବା ପାଇଁ ଯୁକ୍ତିସଙ୍ଗତ କାରଣ ଦର୍ଶାଯାଇଛି କି ନାହିଁ ଏବଂ ଏଭଳି ବର୍ଗୀକରଣ ପାଇଁ କୌଣସି ସ୍ପଷ୍ଟ ଓ ଯୁକ୍ତିସଙ୍ଗତ ମାନଦଣ୍ଡ ରହିଛି କି ନାହିଁ, ତାହା ପରୀକ୍ଷା କରନ୍ତୁ। ଭୂଷଣଙ୍କ ଯୁକ୍ତିର ଉଲ୍ଲେଖ କରି ଖଣ୍ଡପୀଠ କହିଥିଲେ ଯେ, ପୂର୍ବ ଆଇନରେ କିଛି ସର୍ତ୍ତ ସହିତ ସୂଚନା ପ୍ରାପ୍ତିର ସୁବିଧା ଥିଲା। ଖଣ୍ଡପୀଠ କହିଥିଲେ, “ଆରଟିଆଇ ଏକ କେନ୍ଦ୍ରୀୟ ଆଇନ। ଆମକୁ ପ୍ରକୃତରେ ଏହି ଦୁଇଟି ଆଇନକୁ ପରସ୍ପର ସମନ୍ୱୟ କରିବାକୁ ପଡ଼ିବ।” ବୃନ୍ଦା ଗ୍ରୋଭର କହିଥିଲେ ଯେ, ଏହା ଡିଜିଟାଲ୍ ପର୍ସୋନାଲ୍ ଡାଟା ପ୍ରୋଟେକ୍ସନ୍ ସମ୍ବନ୍ଧୀୟ ମାମଲା ଏବଂ ଆରଟିଆଇ ଆଇନରେ କିପରି ସଂଶୋଧନ କରାଯାଇଛି, ତାହା ଅଦାଲତ ଦେଖନ୍ତୁ। ଏହାର ଉତ୍ତରରେ ବିଚାରପତି ବାଗଚୀ କହିଥିଲେ ଯେ, ଆରଟିଆଇ କେବଳ ଡିଜିଟାଲ୍ ସୂଚନା ନୁହେଁ, ସମସ୍ତ ପ୍ରକାରର ସୂଚନା କ୍ଷେତ୍ରରେ ପ୍ରଯୁଜ୍ୟ। ଭୂଷଣ କହିଥିଲେ, “ଯଦି କେହି ଜଣେ ଅଧିକାରୀ ଦୁର୍ନୀତିରେ ଜଡ଼ିତ ବୋଲି ରିପୋର୍ଟ ପ୍ରକାଶ କରିବାକୁ ଚାହିଁବେ, ତେବେ ତାଙ୍କଠାରୁ ଅନୁମତି ନେବାକୁ ପଡ଼ିବ।” ଏହାର ଉତ୍ତରରେ ବିଚାରପତି ବାଗଚୀ କହିଥିଲେ ଯେ, ଡିଜିଟାଲ୍ ବ୍ୟକ୍ତିଗତ ସୂଚନା ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଲାଗୁ କରାଯାଇପାରିବ କି, ନା କି ଏଥିପାଇଁ ଏକ ସମାନୁପାତିକ ଆଭିମୁଖ୍ୟ ଆବଶ୍ୟକ ତାହା ବିଚାର କରିବା ଦରକାର। ଏହି ଆବେଦନଗୁଡ଼ିକ ଆରଟିଆଇ ଆଇନର ଧାରା ୮(୧)ରେ କରାଯାଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରୁଛି, ଯାହା ବ୍ୟକ୍ତିଗତ ସୂଚନା ପ୍ରକାଶରୁ ଛାଡ଼ ସମ୍ପର୍କିତ। ଡିପିଡିପି ଆଇନର ଧାରା ୪୪(୩) ମାଧ୍ୟମରେ ୨୦୨୩ ମସିହାରେ ଆରଟିଆଇ ଆଇନର ଏହି ବ୍ୟବସ୍ଥାରେ ସଂଶୋଧନ କରାଯାଇଥିଲା, ଯାହା ଫଳରେ ସରକାରୀ ସୂଚନା ଚାହିଁବା ବେଳେ ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟତା ସମ୍ବନ୍ଧୀୟ ଛାଡ଼ ବ୍ୟବସ୍ଥାର ସ୍ୱରୂପ ପରିବର୍ତ୍ତନ ହୋଇଛି। ଏହି ସଂଶୋଧନରେ ପୂର୍ବରୁ ଥିବା ମୁଖ୍ୟ ଯୋଗ୍ୟତା ମାନଦଣ୍ଡ ଏବଂ ‘ବୃହତ୍ତର ଜନସ୍ୱାର୍ଥ’ ଆଧାରରେ ସୂଚନା ପ୍ରକାଶର ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଫଳରେ ବ୍ୟକ୍ତିଗତ ସୂଚନାକୁ ବ୍ୟାପକ ଭାବରେ ସାର୍ବଜନିକ ପ୍ରକାଶରୁ ଛାଡ଼ ଦିଆଯାଇଛି। ଚଳିତ ବର୍ଷ ଫେବୃୟାରୀରେ ସୁପ୍ରିମକୋର୍ଟ ଏହି ଆବେଦନଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଥିଲେ। ତେବେ ବିବାଦୀୟ ବ୍ୟବସ୍ଥାଗୁଡ଼ିକ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଅଦାଲତ ମନା କରିଥିଲେ। ଅଦାଲତ କହିଥିଲେ, “ସଂସଦ ଆଣିଥିବା ଏକ ଆଇନଗତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶୁଣାଣି ପୂର୍ବରୁ କେବଳ ଅନ୍ତରୀଣ ଆଦେଶ ଦ୍ୱାରା ରୋକି ଦିଆଯାଇପାରିବ ନାହିଁ।

## ବାଇକକୁ ପିଟିଲା ବସ୍ ବାପା ମୃତ, ପୁଅ ଗୁରୁତର

ଭୁବନେଶ୍ୱର, ୧୦/୦୮
ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ଖଣ୍ଡଗିରି ଓଭରବ୍ରିଜରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା । ବାଇକକୁ ପଛପଟୁ ଧକ୍କା ଦେଲା ଯାତ୍ରୀବାହୀ ବସ୍ । ଦୁର୍ଘଟଣାରେ ବାଇକ୍ ଆରୋହୀ ବାପା ମୃତ ଏବଂ ପୁଅ ଗୁରୁତର ହୋଇଛନ୍ତି। ଆହତ ପୁଅକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ତଦନ୍ତ କରିଛି ଖଣ୍ଡଗିରି ଥାନା ପୁଲିସ । ସୂଚନା ଅନୁଯାୟୀ, ବାପା-ପୁଅ ଦୁଇଜଣ ବାଇକରେ ଯାଉଥିବା ବେଳେ ପଛରୁ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅକୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା ଏକ ସରକାରୀ ବସ୍ ଖଣ୍ଡଗିରି ଓଭର ବ୍ରିଜରେ ନିୟନ୍ତ୍ରଣ ହରାଇ ଏକ ବାଇକକୁ ପଛରୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ସକାଳ ପ୍ରାୟ ୭.୪୦ରୁ ୭.୫୦ମିନିଟ୍ ମଧ୍ୟରେ ଘଟିଛି । ଅନ୍ୟପଟେ ରାଜଧାନୀରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି ।